ସାପ୍ତାହିକ ସ୍ୱୀକାର
Postal Regd. No.: SBP/RN-01/2022-2024
The Sweekar स्वीकार
www.sweekarweekly.com
ପ୍ରତିଷ୍ଠାତା ସମ୍ପାଦକ : ୰ ଶରତ ନାରାୟଣ ବେହେରା
RNI No. 66443/94
Vol.28 | Issue - 34 | 25 - 31 August 2024 | Sambalpur | Pages- 8 | Invitation Price Rs.10

## 'ସ୍ୱୀକାର' ପକ୍ଷରୁ ଦ୍ୱିଦିବସୀୟ ଶ୍ରୀଜଗନ୍ନାଥ କଥାମୃତ

# ଶବ୍ଦବ୍ରହ୍ମ ଉପାସନାରୁ ପରଂବ୍ରହ୍ମ ପ୍ରାପ୍ତି ହୁଏ: କୃଷ୍ଣକେଶବ ଷଡଙ୍ଗୀ







ସମ୍ବଲପୁର : ଶବ୍ଦବ୍ରହ୍ମଙ୍କ ଉପାସନାରୁ ପରଂବ୍ରହ୍ମ ପ୍ରାପ୍ତି ହୁଏ । ଶ୍ରୀ ଜଗନ୍ନାଥ ହିଁ ପରଂବ୍ରହ୍ମଙ୍କ ପ୍ରତୀକ ଏବଂ ସେ ଭଗବାନ ଭାବରେ ଲୋକାଧୀନ ଲୀଳା କରୁଛନ୍ତି ବୋଲି ବିଶିଷ୍ଟ ଜଗନ୍ନାଥ ସଂସ୍କୃତି ଗବେଷକ ଓ ବାଗ୍ମୀ ଡାକ୍ତର କୃଷ୍ଣକେଶବ ଷଡଙ୍ଗୀ ମତବ୍ୟକ୍ତ କରିଛନ୍ତି ।

ସାପ୍ତାହିକ 'ସ୍ୱୀକାର' ପକ୍ଷରୁ ସ୍ଥାନୀୟ ଶୀଲା ଟାୱାର୍ ସମ୍ମିଳନୀ କକ୍ଷରେ ଆୟୋଜିତ ଦ୍ୱିଦିବସୀୟ ଶ୍ରୀଜଗନ୍ନାଥ କଥାମୃତର ପ୍ରଥମ ଦିବସରେ ଡାକ୍ତର ଷଡଙ୍ଗୀ କହିଥିଲେ ଯେ, 'ଶ୍ରୀଜଗନ୍ନାଥ' ନାମରେ ଥିବା 'ଶ୍ରୀ' ଅକ୍ଷରଟି ଅନେକ ତତ୍ତ୍ୱକୁ ବହନ କରେ । ପ୍ରାୟ ୨୨ଟି ଅର୍ଥକୁ ପ୍ରକାଶ କରୁଥିବା ଏହି 'ଶ୍ରୀ' ମହାପ୍ରଭୁ ଜଗନ୍ନାଥଙ୍କ ପ୍ରତିଟି ବିଷୟ ସହିତ ସଂଶ୍ଳିଷ୍ଟ; ଯେପରିକି ଶ୍ରୀମନ୍ଦିର, ଶ୍ରୀମହାପ୍ରସାଦ, ଶ୍ରୀମୁଖ, ଶ୍ରୀହସ୍ତ, ଶ୍ରୀପଦ ଇତ୍ୟାଦି । 'ଶ୍ରୀ'ର ପ୍ରମୁଖ ଅର୍ଥ ଲକ୍ଷ୍ମୀ ହୋଇଥିବା ହେତୁ ମହାପ୍ରଭୁ ଜଗନ୍ନାଥ ଯେ, ଲକ୍ଷ୍ମୀ-ନାରାୟଣଙ୍କ ମିଳିତ ବିଗ୍ରହ ; ଏହାକୁ ବିଭିନ୍ନ ଶାସ୍ତ୍ରୀୟ ଓ ସାହିତ୍ୟିକ ପ୍ରମାଣ ଦେଇ ଡାକ୍ତର ଷଡଙ୍ଗୀ ପ୍ରତିପାଦିତ କରିଥିଲେ ।

ଏହି କାର୍ଯ୍ୟକ୍ରମକୁ ରାଜ୍ୟ ସୂଚନା ଓ ଲୋକସମ୍ପର୍କ ବିଭାଗର ନିର୍ଦ୍ଦେଶକ ସରୋଜ କୁମାର ସାମଲ ଉଦ୍‌ଘାଟନ କରି କହିଥିଲେ ଯେ, ଶ୍ରୀଜଗନ୍ନାଥ ଚେତନା ସାର୍ବକାଳୀନ ସାମ୍ୟବାଦର ବାର୍ତ୍ତାବହ । ବିଭିନ୍ନ ଦାର୍ଶନିକ ଚିନ୍ତନର ଉଦାହରଣ ମାଧ୍ୟମରେ ଶ୍ରୀ ସାମଲ ଏହି ଚେତନାର ଜନାଭିମୁଖୀ ଉପଲବ୍ଧି ଉପରେ ଗୁରୁତ୍ୱାରୋପ କରିଥିଲେ ।

## ଶ୍ରୀଜଗନ୍ନାଥ ଚେତନା ସାର୍ବକାଳୀନ ସାମ୍ୟବାଦର ବାର୍ତ୍ତାବହ: ସରୋଜ ସାମଲ

ବିନିକାସ୍ଥ ସିଦ୍ଧାର୍ଥ ଡିଗ୍ରୀ ମହାବିଦ୍ୟାଳୟର ସଂସ୍କୃତ ବିଭାଗୀୟ ମୁଖ୍ୟ ପଣ୍ଡିତ ହରିଶ୍ଚନ୍ଦ୍ର ହୋତା ବେଦପାଠ କରିଥିଲେ ।

ଦ୍ୱିତୀୟ ଦିବସରେ ଡାକ୍ତର ଷଡ଼ଙ୍ଗୀ କହିଥିଲେ ଯେ, ଚିନ୍ତାକୁ ଚେତନାରେ ରୂପାନ୍ତରିତ କରିବା ସହ ଯାବତୀୟ ଆର୍ତ୍ତି, ସାଂସାରିକ ବାଧା ଓ ବ୍ୟାଧିର ଏକମାତ୍ର ମହୌଷଧି ହେଉଛି ଶ୍ରୀଜଗନ୍ନାଥ କଥାମୃତ । ଏହି ଔଷଧି ପାନ କଲେ ମୋହ ନଷ୍ଟ ହେବା ସାଙ୍ଗକୁ କାମ, କ୍ରୋଧ ପ୍ରଭୃତି ସମସ୍ତ ଦୋଷ ଦୂର ହୋଇ ମୁକ୍ତି ଓ ଭକ୍ତି ପ୍ରାପ୍ତ ହୋଇଥାଏ ।

ଜଗନ୍ନାଥକଥାମୃତରୂପୀ ଔଷଧ ସେବନର ବିଧି ହେଉଛନ୍ତି ଧ୍ୟାନ, ଦର୍ଶନ, ସ୍ମରଣ, ନିର୍ମାଲ୍ୟସେବନ ଓ ଶ୍ରୀକ୍ଷେତ୍ରକୁ ତୀର୍ଥାଟନ । ଚାରିବର୍ଣ୍ଣରେ ଚତୁର୍ବର୍ଗ ଫଳପ୍ରଦାନରେ ଧୁରନ୍ଧର ଶ୍ରୀଜଗନ୍ନାଥଙ୍କ ପ୍ରତି ଗଭୀର ଆସ୍ଥା ରଖିଲେ; ସେ ତୁରନ୍ତ ତାଙ୍କର କରୁଣା ବର୍ଷା କରି କଲ୍ୟାଣ କରିଥାନ୍ତି । ସଂସାରରୂପକ କୂପରୁ ଉଦ୍ଧାର ଲାଭ ପାଇଁ ଆମେ ବିଶ୍ୱାସର ରଜ୍ଜୁକୁ ଦୃଢଭାବରେ ଧରିରଖିଲେ ମହାପ୍ରଭୁ ତାଙ୍କର କରୁଣାରୂପକ ପୁଲିକୁ ଘୂରାଇ ଆମକୁ ଶୀଘ୍ର ଉଦ୍ଧାର କରିବେ ବୋଲି ବିଭିନ୍ନ ଶାସ୍ତ୍ର, ପୁରାଣ ଓ ସାହିତ୍ୟର ପ୍ରମାଣକୁ ଉଦ୍ଧୃତ କରି ଡାକ୍ତର ଷଡଙ୍ଗୀ ବ୍ୟାଖ୍ୟା କରିଥିଲେ ।

ଦୁଇଦିନ ଯାକ କାର୍ଯ୍ୟକ୍ରମରେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ପ୍ରାକ୍ତନ କୁଳପତି ପ୍ରଫେସର ଆଦିତ୍ୟ ପ୍ରସାଦ ପାଢୀଙ୍କ ପୌରୋହିତ୍ୟ କରିଥିବା ବେଳେ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଏନ୍.ନାଗରାଜୁ ମୁଖ୍ୟ ଅତିଥି ରୂପେ ଯୋଗ ଦେଇଥିଲେ । ପ୍ରାରମ୍ଭରେ ବିଶିଷ୍ଟ ସଂସ୍କୃତି ଗବେଷକ ଡକ୍ଟର ଶ୍ୟାମ ସୁନ୍ଦର ଧର 'ଶ୍ରୀଜଗନ୍ନାଥାଷ୍ଟକମ୍' ପାଠ କରିଥିବା ବେଳେ 'ସ୍ୱୀକାର'ର ସମ୍ପାଦକ ହେମନ୍ତ କୁମାର ମହାପାତ୍ର ସ୍ୱାଗତ ଭାଷଣ ଦେଇଥିଲେ ଓ ଶିକ୍ଷାବିତ୍ ଅରବିନ୍ଦ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ ।



ଅନ୍ୟମାନଙ୍କ ମଧ୍ୟରେ ପ୍ରଫେସର କାଳିଦାସ ମିଶ୍ର, ପ୍ରଫେସର କାମଦେବ ସାହୁ, ପ୍ରଫେସର ସେବକ ତ୍ରିପାଠୀ, ଡକ୍ଟର ଜୟନ୍ତ କର ଶର୍ମା, ଅବସରପ୍ରାପ୍ତ ଜିଲ୍ଲା ଜଜ୍ ଶ୍ୟାମ ସୁନ୍ଦର ମିଶ୍ର, ଆଇନ ମହାବିଦ୍ୟାଳୟର ଅଧ୍ୟକ୍ଷ ଡକ୍ଟର ବିଜୟାନନ୍ଦ ବେହେରା, ସହକାରୀ ପ୍ରଫେସର ଅଙ୍କିତ ସୌରଭ ସାହୁ, ଇଂ ସୁଶାନ୍ତ କୁମାର ଗୁରୁ, ଡକ୍ଟର ପ୍ରଦୀପ ପଣ୍ଡା, ଡକ୍ଟର ଶ୍ୟାମ ଭୋଇ, ଡାକ୍ତର ଦୁର୍ଗାଶଙ୍କର ଶତପଥୀ,, ଡ.ପ୍ରଦୀପ ପଣ୍ଡା, କବି ସୋଭାଗ୍ୟବନ୍ତ ମହାରଣା, ଐତିହାସିକ ସଂଗ୍ରାମ ରାଉତ, ଡକ୍ଟର ରାଜ କୁମାର ଶାଣ୍ଡିଲ୍ୟ, ରାଜେନ୍ଦ୍ର କୁମାର ପଣ୍ଡା, ଉଦ୍ଧବ ମହାପାତ୍ର, ସରୋଜ କୁମାର ମହାପାତ୍ର, ସଂଜୀବ ନନ୍ଦ, ଜଗବନ୍ଧୁ ବେହେରା, ପ୍ରାଣବନ୍ଧୁ ବେହେରା ପ୍ରମୁଖ ଉପସ୍ଥିତ ଥିଲେ ।











## ଏ ସଂଖ୍ୟାରେ..


କଳାଲୁଣର ଗୁଣ


କ୍ୟାନସର ଦୂର କରିବ ହଳଦୀ


ଓଜନ କମାଏ ପୋଟଳ


ଟମାଟୋର ଲାଭ


ବିଟ୍‌ର ଔଷଧୀୟ ଗୁଣ


ଗ୍ରୀନ୍ ମଟରର ଉପକାରିତା

# ଏମ୍‌ସିଏଲ୍‌ରୁ ମିଳିବ ୩୧,୨୨୭ କୋଟି

ଭୁବନେଶ୍ୱର : ଲିଜ୍ ପ୍ରଦତ୍ତ ଖଣିଜ ଅଞ୍ଚଳରୁ ପିଛିଲା ଭାବେ ଟିକସ ଆଦାୟ କରିବା ପାଇଁ ଖଣି ରାଜ୍ୟମାନଙ୍କୁ ସୁପ୍ରିମକୋର୍ଟ ନିକଟରେ ଦେଇଥିବା ଅନୁମତି ଅନୁସାରେ କେନ୍ଦ୍ରୀୟ ରାଷ୍ଟ୍ରାୟ ଉଦ୍ୟୋଗ ମହାନଦୀ କୋଲଫିଲ୍ଡସ ଲିମିଟେଡ୍ ଠାରୁ ଓଡ଼ିଶା ଆପାତତଃ ୩୧,୨୨୭ କୋଟି ଟଙ୍କା ପାଇବାର ସମ୍ଭାବନା ରହିଛି । ୨୦୦୫ ଏପ୍ରିଲ୍ ପରଠାରୁ ପ୍ରାୟ ୧୮-୧୯ ବର୍ଷ ପାଇଁ କମ୍ପାନି ଏହି ଟିକସ ଦେଇପାରେ । ତେବେ କିସ୍ତି ଆକାରରେ କମ୍ପାନି ୧୨ ବର୍ଷ ଭିତରେ ସେହି ଟଙ୍କା ଦେଇପାରିବ । ଏହା ବ୍ୟତୀତ ଚଳିତ ଆର୍ଥିକ ବର୍ଷଠାରୁ ନୂଆ ଅତିରିକ୍ତ ଟିକସ ଆକାରରେ ରାଜ୍ୟ ସରକାର ବାର୍ଷିକ ୧୨ ହଜାର କୋଟି ଟଙ୍କା ପାଇବାର ସମ୍ଭାବନା ରହିଛି । ଟାଟା ଷ୍ଟିଲ୍‌ଠାରୁ ପିଛିଲା ଟିକସ ଭାବେ ୧୭ ହଜାର କୋଟି ଟଙ୍କା ମିଳିବ । ଏହି ସମସ୍ତ ଟିକସ ରାଜ୍ୟ ରାଜକୋଷକୁ ସମୃଦ୍ଧ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ ।

ସୁପ୍ରିମ୍‌କୋର୍ଟଙ୍କ ରାୟ ପ୍ରଭାବରେ ଓଡ଼ିଶାକୁ ପ୍ରାୟ ଦେଢ଼ ଲକ୍ଷ କୋଟି ଟଙ୍କା ମିଳିବ ବୋଲି ଆକଳନ କରାଯାଇଛି । କିନ୍ତୁ ଯଦି ଏମସିଏଲ୍ ଏକାକୀ ଏତେ ଟଙ୍କା ଦେବାର ସମ୍ଭାବନା ରହିଛି, ତାହା ବିଚାରକୁ ନେଲେ ବାସ୍ତବରେ ରାଜ୍ୟକୁ ଆକଳନଠାରୁ ଯଥେଷ୍ଟ ଅଧିକ ଟଙ୍କା ମିଳିବା ବୋଲି କୁହାଯାଇପାରିବ । କୋଲ୍ ଇଣ୍ଡିଆର ଅଧକ୍ଷ ପି ଏମ୍ ପ୍ରସାଦଙ୍କ ସୂଚନା ଅନୁସାରେ ଖଣି ଟିକସକୁ ନେଇ ସୁପ୍ରିମକୋର୍ଟ ଦେଇଥିବା ରାୟ ଦ୍ୱାରା ଦୁଇ ସହାୟକ କମ୍ପାନି ଏମ୍‌ସିଏଲ୍ ଓ ସେଣ୍ଟ୍ରାଲ୍ କୋଲ୍ ଫିଲ୍ଡ ଲିମିଟେଡ୍ (ସିସିଏଲ୍) ପ୍ରଭାବିତ ହେବା ଆଶଙ୍କା ରହିଛି । ଯେହେତୁ ୨୦୦୫ ଏପ୍ରିଲ୍ ୧ରୁ ବକେୟା ଖଣି ଟିକସ ଅସୁଲ କରିବାର ଅଧିକାର ରାଜ୍ୟଗୁଡ଼ିକୁ ଦିଆଯାଇଛି, ତେଣୁ ସେହି ହିସାବରେ ଏମ୍‌ସିଏଲ୍‌କୁ ୩୧,୨୨୭ କୋଟି ଟଙ୍କା ଓ ସିସିଏଲ୍‌କୁ ମାତ୍ର ୩୬୪ କୋଟି ଟଙ୍କା ଦେବାକୁ ପଡ଼ିପାରେ ବୋଲି ସେ କହିଛନ୍ତି ।

ଶ୍ରୀ ପ୍ରସାଦ କହିଛନ୍ତି ଯେ ଓଡ଼ିଶାରେ 'ଓଡ଼ିଶା ଗ୍ରାମୀଣ ଭିତ୍ତିଭୂମି ଓ ସାମାଜିକ-ଅର୍ଥନୈତିକ ବିକାଶ ନିୟମ, ୨୦୦୪'କୁ ୨୦୦୫ଠାରୁ ଲାଗୁ କରାଯାଇଛି । ପ୍ରତିବାଦ ହେବାରୁ ପ୍ରଥମ ଚାରି ମାସ କମ୍ପାନି ସେହି ଟିକସ ଦେଇଥିଲା । ମାତ୍ର ଏହି ନିୟମ ବିରୋଧରେ ହାଇକୋର୍ଟରେ ମାମଲା ରୁଜୁ ହୋଇଥିଲା ଓ ସେହି ମାମଲାକୁ ଓଡ଼ିଶା ସରକାର ହାରିଯାଇଥିଲେ । ତେଣୁ ରାଜ୍ୟ ସରକାର ନେଇଥିବା ଟଙ୍କା ଫେରାଇ ଦେଇଥିଲେ । ଏହାପରେ ଆମେ ଉକ୍ତ ଟଙ୍କା ଆମର ଯେଉଁ ଗ୍ରାହକ (ସଂସ୍ଥା) ମାନଙ୍କ ଠାରୁ ସଂଗ୍ରହ କରିଥିଲୁ ସେମାନଙ୍କୁ ଫେରାଇ ଦେଇଥିଲୁ । ଏବେ ସୁପ୍ରିମ୍‌କୋର୍ଟ ଯେଉଁ ରାୟ ଦେଇଛନ୍ତି ତାହାକୁ ଯଦି ରାଜ୍ୟଗୁଡ଼ିକ ଲାଗୁ କରିବେ ତେବେ ଆମେ ପୁଣି ଥରେ ଆମ ଗ୍ରାହକମାନଙ୍କଠାରୁ ସେହି ଟଙ୍କା ମାଗିବୁ । ଆମ ଉପରେ ଟିକସର ଯେଉଁ ବୋଝ ସୃଷ୍ଟି ହେବ ତାହାର ୭୦-୭୫ ପ୍ରତିଶତ ରାଶି ଆମେ ଗ୍ରାହକଙ୍କଠାରୁ ଆଣିବୁ । ଯେଉଁମାନଙ୍କ ସହିତ ଦୀର୍ଘକାଳୀନ ଇନ୍ଧନ ଯୋଗାଣ ବୁଝାମଣା ସ୍ୱାକ୍ଷରିତ ହୋଇଛି, ସେମାନଙ୍କ ଠାରୁ ଏହି ଟଙ୍କା ସଂଗ୍ରହ କରାଯିବ । ବିଭିନ୍ନ ପର୍ଯ୍ୟାୟରେ ସେମାନଙ୍କଠାରୁ ୨୪-୨୫ ହଜାର କୋଟି ଟଙ୍କା ସଂଗ୍ରହ କରାଯାଇପାରିବ । ତେଣୁ ମୋଟ ଉପରେ ଦେଖିଲେ ସୁପ୍ରିମ୍‌କୋର୍ଟଙ୍କ ରାୟ ଦ୍ୱାରା ଆମକୁ ୬୦୦୦ କୋଟି ଟଙ୍କା ଯୋଗାଡ଼ କରିବାକୁ ପଡ଼ିପାରେ ବୋଲି ସେ କହିଛନ୍ତି । ଶ୍ରୀ ପ୍ରସାଦଙ୍କ ଆକଳନ ସତ ହେଲେ ରାଜ୍ୟରେ ବିଦ୍ୟୁତ୍ ଦର ବଢ଼ିବା ଆଶଙ୍କା ଦେଖାଦେବ । କାରଣ ଏମ୍‌ସିଏଲ୍ ଠାରୁ ଏନଟିପିସି ଭଳି ଯେଉଁ ବିଦ୍ୟୁତ୍ ଉତ୍ପାଦନକାରୀମାନେ କୋଇଲା କିଣିଛନ୍ତି, ସେମାନେ ଟଙ୍କା ଗଣିବେ । ଯାହା ଦ୍ୱାରା ସେମାନଙ୍କ ଉପରେ ଅତିରିକ୍ତ ଆର୍ଥିକ ଚାପ ସୃଷ୍ଟି ହେବ । ଏହି କମ୍ପାନିଗୁଡ଼ିକ ଗ୍ରିଡ୍ ସହ ଦୀର୍ଘକାଳୀନ ବିଦ୍ୟୁତ୍ କ୍ରୟ ଚୁକ୍ତି ସ୍ୱାକ୍ଷର କରି ପାଇକାରୀ ଦରରେ ବିଦ୍ୟୁତ୍ ଯୋଗାଉଛନ୍ତି । ଗ୍ରିଡ୍‌କୋ ସେହି ବିଜୁଳିକୁ ବଣ୍ଟନ କମ୍ପାନି (ଡିସ୍‌କମ୍)ଙ୍କୁ ଦେଉଛି । ଯଦି ଉତ୍ପାଦନକାରୀମାନେ ଦର ବଢ଼ାଇବେ ତାହାର ପ୍ରଭାବ ସାଧାରଣ ବିଦ୍ୟୁତ୍ ଉପଭୋକ୍ତାଙ୍କ ଉପରେ ପଡ଼ିପାରେ ବୋଲି ଆଶଙ୍କା ଘନୀଭୂତ ହୋଇଛି ।

ଚଳିତ ବର୍ଷ ଜୁଲାଇରେ ସୁପ୍ରିମ୍‌କୋର୍ଟ ଏକ ଐତିହାସିକ ରାୟ ଦେଇ ଲିଜ୍ ପ୍ରଦତ୍ତ ଖଣି ଅଞ୍ଚଳ ଉପରେ ଟିକସ ଲାଗୁ କରିବାର ଅଧିକାର ରାଜ୍ୟଗୁଡ଼ିକର ରହିଛି ବୋଲି କହିଥିଲେ । ତାହାକୁ ପିଛିଲା ଭାବେ ଲାଗୁ ନ କରିବାକୁ କେନ୍ଦ୍ର ସରକାର ଓ ଖଣି କମ୍ପାନିଗୁଡ଼ିକ ସୁପ୍ରିମକୋର୍ଟଙ୍କୁ ଅନୁରୋଧ କରିଥିଲେ ଯାହାକୁ କୋର୍ଟ ପ୍ରତ୍ୟାଖ୍ୟାନ କରିଦେଇଛନ୍ତି । ତେବେ କୋର୍ଟ ସ୍ପଷ୍ଟ କରିଛନ୍ତି ଯେ ରାଜ୍ୟଗୁଡ଼ିକ ୨୦୦୫ ଏପ୍ରିଲ୍ ପରଠାରୁ ଟିକସ ଦାବି ଉପସ୍ଥାପନ କରିପାରିବେ । ଟିକସ ଦାବିକୁ ୨୦୦୬ରୁ ଲାଗୁ କରାଯିବ ଏବଂ କମ୍ପାନିଗୁଡ଼ିକ ୧୨ ବର୍ଷ ମଧ୍ୟରେ ବିଭିନ୍ନ କିସ୍ତିରେ ସେହି ଟଙ୍କା ଦେଇ ପାରିବେ ।

# ଦେବଗଡ଼ ଜିଲ୍ଲାରେ ସୁନାଖଣିର ସନ୍ଧାନ ମିଳିଛି

ଦେବଗଡ଼ : ଦେବଗଡ଼ ଜିଲ୍ଲାର ଆଡ଼ସ-ରାମପାଲ୍ଲୀ ଅଞ୍ଚଳରେ ସୁନାପଥରର ଠାବ କରାଯାଇଛି । ଭୂ-ବୈଜ୍ଞାନିକ ସର୍ବେକ୍ଷଣ ସଂସ୍ଥା (ଜିଏସ୍‌ଇ) ଦ୍ୱାରା ତମ୍ବାପଥର ଉତ୍ତୋଳନବେଳେ ସୁନାର ସନ୍ଧାନ ମିଳିଥିବା ଭୂତାତ୍ତ୍ୱିକ ଆକଳନରୁ ମଧ ଜଣାପଡ଼ିଛି ।

୧୯୮୫ରୁ ଦେବଗଡ଼ରେ ତମ୍ବା ପଥର ପାଇଁ ସନ୍ଧାନ ଚାଲିଥିଲାବେଳେ ଏବେ ତମ୍ବା ସହିତ ସ୍ଥାନେ ସ୍ଥାନେ ସୁନା ପଥର ଠାବ କରାଯାଇଛି । ଏହି ଜିଲ୍ଲାର ମାଟି ତଳେ ମୋଟ୍ ୧୬ କ୍ୱିଣ୍ଟାଲ ୮୫ କିଲୋ ଓଜନର ସୁନା ଗଚ୍ଛିତ ଥିବା ଭୂ-ସର୍ବେକ୍ଷଣରୁ ଜଣାପଡ଼ିଛି । ବିଶେଷକରି ରିଆମାଳ ବ୍ଲକ ଆଡସ ପଞ୍ଚାୟତ ଅଞ୍ଚଳରେ ସୁନା ପଥର ସନ୍ଧାନ ମିଳିଥିବା ଜଣାପଡ଼ିଛି । ଏହି ଖଣିଗୁଡ଼ିକର ସ୍ଥିତି କ'ଣ ଓ ଖଣିରୁ ସୁନା ଉତ୍ତୋଳନ କରିବା ପାଇଁ ରାଜ୍ୟ ସରକାର ପ୍ରୋସେସିଂ ୟୁନିଟ ଖୋଲିବାକୁ ପଦକ୍ଷେପ ନେଉଥିବା ଜଣାପଡ଼ିଛି । ଜିଏସଆଇ ଦ୍ୱାରା ତମ୍ବା ପଥର ପାଇଁ ଜି-୨ ସ୍ତରରେ ଅନ୍ୱେଷଣ କଲାବେଳେ ଆଡସ ଗ୍ରାମ ପଞ୍ଚାୟତ ସହିତ ନିକଟସ୍ଥ ରାମପାଲି, କୁଡ଼ାପଡ଼ା, ହିଲାଙ୍ଗ ଗ୍ରାମରେ ମଧ ଅନ୍ୱେଷଣ ଜାରି ରହିଛି । ସ୍ଥାନୀୟ ଲୋକଙ୍କ ସୂଚନା ଅନୁଯାୟୀ ୧୯୮୫ ମସିହାରେ ଏଠାରେ ସର୍ଭେ ଆରମ୍ଭ ହୋଇଥିଲା । କିଛି ବର୍ଷ ବନ୍ଦ ରହିବା ପରେ ପୁଣି ୨୦୧୮ ମସିହାରୁ ସର୍ଭେ ଚାଲିଛି । ବିଶେଷକରି ଆଡସ ଗ୍ରାମର ବିଭିନ୍ନ ସ୍ଥାନରେ ମାଟି ଖୋଳି ସୁନା ସନ୍ଧାନ କରାଯାଉଛି । ଆଡ ସ ଜନବସତି ଓ ନିକଟସ୍ଥ ସଂରକ୍ଷିତ ଜଙ୍ଗଲର ପ୍ରାୟ ୩୦ରୁ ଅଧିକ ସ୍ଥାନରେ ଶହ ଶହ ଫୁଟ ମାଟି ଖୋଳାଯାଇ ଅନୁସନ୍ଧାନ କରାଯାଇଛି । ଅନୁସନ୍ଧାନକାରୀ ସଂସ୍ଥା ଗ୍ରାମର ବିଭିନ୍ନ ସ୍ଥାନ ଚିହ୍ନଟ କରି କ୍ରମିକ ସଂଖ୍ୟା ଦେଇଛି । ଏହି ସର୍ଭେ କାମରେ ଲାଗିଥିବା ସ୍ଥାନୀୟ ଶ୍ରମିକମାନେ ମଧ କହିଛନ୍ତି ଯେ ମାଟି ଖୋଳିଲା ବେଳେ ସୁନା ଓ ତମ୍ବା ପଥର ବାହାରିବା ସେମାନେ ଦେଖିଥିବା କହିଛନ୍ତି ।

# ରାମାୟଣ କଥା- ରାମ ରାବଣ ଜନ୍ମ ବୃତ୍ତାନ୍ତ

**ଡ଼ଃ ପ୍ରମୋଦ କୁମାର ପଣ୍ଡା**

ସଂସ୍କୃତ ଭାଷାରେ ବିରଚିତ ଚବିଶ ହଜାର ଶ୍ଳୋକ ଓ ପାଞ୍ଚ ଶହ ସର୍ଗ ବିଶିଷ୍ଟ ବାଲ୍ମୀକି ରାମାୟଣ ପବିତ୍ର ହିନ୍ଦୁ ଧର୍ମଗ୍ରନ୍ଥ ମାନଙ୍କ ମଧ୍ୟରେ ଅନ୍ୟତମ । ଏହି ଗ୍ରନ୍ଥର ପ୍ରତ୍ୟେକ ଏକ ହଜାର ଶ୍ଳୋକ ଉପରାନ୍ତେ ଉପଲବ୍ଧ ଆଦ୍ୟାକ୍ଷର ମାନଙ୍କର ସମାହାରରେ ଚବିଶ ଅକ୍ଷର ବିଶିଷ୍ଟ ଗାୟତ୍ରୀ ମନ୍ତ୍ର ଉଦ୍ଭବ ହୁଏ । ଏହି ମନ୍ତ୍ରର ଉଲ୍ଲେଖ ସର୍ବ ପ୍ରଥମେ ଋକ ବେଦରେ ଦେଖିବାକୁ ମିଳେ । ମାତା ଗାୟତ୍ରୀଙ୍କୁ ପ୍ରସନ୍ନ କରିବା ପାଇଁ ଏହି ମନ୍ତ୍ର ପାଠ କରାଯାଏ । ମନ୍ତ୍ରର ଚବିଶ ଅକ୍ଷର ଚବିଶ ଶକ୍ତି ଓ ସିଦ୍ଧିର ପ୍ରତୀକ ବୋଲି ମାନ୍ୟତା ରହିଛି ।

ଗୋସ୍ୱାମୀ ତୁଳସୀ ଦାସ ମହର୍ଷି ବାଲ୍ମୀକି ବିରଚିତ ଶ୍ରୀମଦ୍ ରାମାୟଣ ଆଧାରରେ ରାମଚରିତ ମାନସର ରଚନା ୧୫୭୪ ମସିହା ରାମ ନବମୀ ତିଥିରେ ଅଯୋଧ୍ୟା ଠାରେ ପ୍ରାରମ୍ଭ କରିଥିଲେ ବୋଲି ସାହିତ୍ୟକାର ମତ ବ୍ୟକ୍ତ କରନ୍ତି । ଏହି ମହାକାବ୍ୟ କବିତା ଅବଧି ଭାଷା ଓ ଦେବନାଗରୀ ଲିପିରେ ରଚିତ । ସତେଇଶ ଶ୍ଳୋକ, ୪୬୦୮ ଚୌପାଇ, ୧୦୭୪ ଦୋହା ଓ ୮୬ ଛନ୍ଦ ବିଶିଷ୍ଟ ରାମଚରିତ ମାନସ ଅତ୍ୟନ୍ତ ମହାନ ଓ ଅନନ୍ୟ ।

କ୍ରତୁ, ପୁଲହ, ପୌଲସ୍ତ୍ୟ, ଅତ୍ରି, ଅଙ୍ଗିରା , ବାଶିଷ୍ଠ , ମରିଚି, ନାରଦ , ଦକ୍ଷ ଓ ଭୃଗୁ ବ୍ରହ୍ମଦେବଙ୍କର ମାନସ ପୁତ୍ର ଥିଲେ । ଋଷି ପୌଲସ୍ତ୍ୟ ଋଷି କର୍ଦ୍ଦମଙ୍କ କନ୍ୟା ହବିର୍ଭୁଙ୍କୁ ବିବାହ କରିଥିଲେ । ବିଶ୍ରବା ଋଷି ପୌଲସ୍ତ୍ୟଙ୍କ ପୁତ୍ର ଥିଲେ । ତାଙ୍କର ଦୁଇଟି ପତ୍ନୀ ଥିଲେ । ଭରଦ୍ୱାଜଙ୍କ କନ୍ୟା ଇଡ଼ବିଡା ଓ ରାକ୍ଷସ କୂଳରେ ଜନ୍ମିତା କୈକେୟୀ । ବିଶ୍ରବା ଓ ଇଡ଼ବିଡାଙ୍କ ଠାରୁ ଉତ୍ପନ୍ନ ପୁତ୍ରର ନାମ ବୈଶ୍ରମଣ ଯିଏ କୁବେର ନାମରେ ପରିଚିତ । କୈକେଶୀଙ୍କ ଗର୍ଭରୁ ତିନି ପୁତ୍ର ରାବଣ, କୁମ୍ଭକର୍ଣ୍ଣ ଓ ବିଭୀଷଣଙ୍କ ଜନ୍ମ ନେଇଥିଲେ । ଅନ୍ୟ ମାନ୍ୟତାନୁସାରେ କୁବେର ବିଶ୍ରବା ଓ ବରବର୍ଣ୍ଣୀଙ୍କ ଠାରୁ ଜନ୍ମିତ । ଋଷି ବିଶ୍ରବା ତାଙ୍କ ପୁତ୍ର କୁବେରଙ୍କ ଉପରେ ପ୍ରୀତ ନ ଥିଲେ । ବିଶ୍ରବାଙ୍କ ସେବାରେ ଅହର୍ନିଶି ତିନି ଜଣ ସ୍ତ୍ରୀ ନିଯୁକ୍ତ ହୋଇଥିଲେ । କୁବେର ନିଜ ପିତାଙ୍କୁ ଅବହେଳା କରି ବ୍ରହ୍ମାଙ୍କ ସେବା ଏବଂ ତପରେ ସଦାସର୍ବଦା ବ୍ୟସ୍ତ ରହୁଥିଲେ । କ୍ରୋଧାବସ୍ଥାରେ ପୁଷ୍ପୋକଟାଙ୍କ ସହିତ ସଙ୍ଗମର ଫଳ ସ୍ୱରୂପ ରାବଣ ଓ କୁମ୍ଭକର୍ଣ୍ଣର ଜନ୍ମ ହୁଏ । ରକା ନାମ୍ନୀ ନାରୀ ଗର୍ଭରୁ ଅନୁରୂପ ଭାବେ ସୂର୍ପଣଖା ଓ ଖର ଜନ୍ମ ନିଅନ୍ତି । କ୍ରୋଧ ଉପଶମ ଉପରାନ୍ତେ ମାଳିନୀ ସହିତ ସହବାସ କରିବାରୁ ବିଭୀଷଣ ଜାତ ହୁଅନ୍ତି ।

ସେପଟେ କୁବେରଙ୍କ ତପସ୍ୟା ଏବଂ ସମର୍ପଣ ଭାବରେ ବ୍ରହ୍ମଦେବ ପ୍ରସନ୍ନ ହୋଇ ତାଙ୍କୁ ଯକ୍ଷରାଜ ଘୋଷିତ କରିବା ସହିତ ସମସ୍ତ ଦେବତାଙ୍କର ଧନାଧ୍ୟକ୍ଷର ଦାୟିତ୍ୱ ଅର୍ପଣ କରନ୍ତି । କୁବେରଙ୍କ ପାଇଁ ସ୍ୱର୍ଣ୍ଣମୟୀ ଲଙ୍କା ନିର୍ମାଣ ହୁଏ ଓ ତାଙ୍କ ତାପସ୍ୟାର ଫଳ ସ୍ୱରୂପ ବିଚରଣ କରିବା ପାଇଁ ମନ ଚାଳିତ ପୁଷ୍ପକ ବିମାନ ପ୍ରଦାନ କରନ୍ତି । ପରେ ରାବଣ ତ୍ରିପୁର ବିଜୟୀ ହୁଏ । ଯକ୍ଷରାଜ କୁବେରଙ୍କୁ ପରାସ୍ତ କରି ପୁଷ୍ପକ ବିମାନ ସହିତ ସ୍ୱର୍ଣ୍ଣମୟୀ ଲଙ୍କାକୁ ରାକ୍ଷସରାଜ ରାବଣ ଅକ୍ତିଆର କରିନିଏ । ପରାଜିତ କୁବେର କୈଳାଶ ପର୍ବତରେ ଅଳକାପୁରୀ ନିର୍ମାଣ କରନ୍ତି । ପରେ ଏହା ମଧ ରାବଣ ହାତକୁ ଚାଲିଯାଏ ।

ଜଳ ଦେବତା ବରୁଣଙ୍କ ପୌତ୍ର ଜୟ ଓ ବିଜୟ ବର୍ଷ ବର୍ଷ କାଳ ଘୋର ତପସ୍ୟା କରି ଭଗବାନ ବିଷ୍ଣୁଙ୍କୁ ସନ୍ତୁଷ୍ଟ କରିବାରେ ସକ୍ଷମ ହୋଇଥିଲେ । ନାରାୟଣଙ୍କ ଆଶୀର୍ବାଦରେ ସେମାନେ ବୈକୁଣ୍ଠରେ ଦ୍ୱାରପାଳ ନିଯୁକ୍ତ ହୋଇଥିଲେ । ସନକାଦି ମୁନିଙ୍କ ପାଇଁ ବୈକୁଣ୍ଠର ଦ୍ୱାର ସଦା ଉନ୍ମୁକ୍ତ ଥିଲା । ତାଙ୍କର ଅବାଧ ବୈକୁଣ୍ଠ ପ୍ରବେଶରେ ଜୟ ଓ ବିଜୟ ବାଧକ ସାଜି ଶାପଗ୍ରସ୍ତ ହୋଇଥିଲେ । ସତ୍ୟ, ତ୍ରେତା ଓ ଦ୍ୱାପର ଯୁଗରେ ସେମାନେ ଯଥାକ୍ରମେ ହିରଣ୍ୟକଶିପୁ ଓ ହୀରଣାକ୍ଷ, ରାବଣ ଓ କୁମ୍ଭକର୍ଣ୍ଣ ଏବଂ ଶିଶୁପାଳ ଓ ଦନ୍ତବକ୍ର ରୁପେ ଜନ୍ମ ନେଇ ନାରାୟଣଙ୍କ ସହିତ ଶତ୍ରୁତା କରିଥିଲେ । ପ୍ରତିଟି ଯୁଗରେ ନାରାୟଣଙ୍କ ହାତରେ ନିହତ ହୋଇଥିଲେ ଓ ତିନି ଯୁଗ ଅନ୍ତେ ମୁକ୍ତି ଲାଭ କରି ପୁନଶ୍ଚ ନାରାୟଣପୁରୀ ବୈକୁଣ୍ଠକୁ ପ୍ରତ୍ୟାବର୍ତ୍ତନ କରିଥିଲେ । କିଛି ଲୋକଙ୍କ କହିବାନୁସାରେ ଦନ୍ତବକ୍ର ହିଁ କଂସ ଥିଲା ।

ଇକ୍ଷ୍ୱାକୁ କୂଳରେ ଜନ୍ମିତ ସୂର୍ଯ୍ୟବଂଶୀ ରଘୁବଂଶୀ ରଜା ଦଶରଥ ରଜା ଅଜ ଓ ରାଣୀ ଇନ୍ଦୁମତୀଙ୍କ ପୁତ୍ର ଥିଲେ । ତାଙ୍କର ପ୍ରକୃତ ନାମ ନେମି ଥିଲା । ପରେ ସେ ଦଶରଥ ନାମରେ ବିଦିତ ହେଲେ । ତାଙ୍କର ରଥ ଦଶ - ରଥ ଦଶଲୋକ ଭ୍ରମଣ କରିବାକୁ ସକ୍ଷମ ଥିଲା । ତାଙ୍କ ରଥରେ ନେମି ଦଶଲୋକରେ ଭ୍ରମଣ ତଥା ଯୁଦ୍ଧ କରି ଅନାୟାସରେ ପୃଥିବୀକୁ ଫେରି ପାରୁଥିଲେ । ପରେ ନିଜର ରଥ ନାମରେ ନେମିଙ୍କ ନାମ ଦଶରଥ ହୋଇଥିଲା । ଅଯୋଧ୍ୟାର ରାଜା ଦଶରଥଙ୍କ ତିନିଗୋଟି ରାଣୀ ଥିଲେ । ଜ୍ୟେଷ୍ଠା କୌଶଲ୍ୟା, ମଧ୍ୟମା ସୁମିତ୍ରା ଓ କନିଷ୍ଠା କୈକେୟୀ । ରାଜା ଦଶରଥ ନିଃସନ୍ତାନ ଥିଲେ । ସେଥିଯୋଗୁଁ ତାଙ୍କ ମନ ସର୍ବଦା ଦୁଃଖିତ ଓ ଗ୍ଲାନିଯୁକ୍ତ ଥିଲା । ଅଯୋଧ୍ୟର କୁଳଗୁରୁ , ଧର୍ମଗୁରୁ ଓ ଧାର୍ମିକ ମନ୍ତ୍ରୀ ବ୍ରହ୍ମର୍ଷି ବଶିଷ୍ଠଙ୍କ ଉପଦେଶାନୁସାରେ ରାଜା ଦଶରଥଙ୍କ ଦ୍ୱାରା ଆୟୋଜିତ ପୁତ୍ର କାମେଷ୍ଟି ଯଜ୍ଞ ଆୟୁର୍ବେଦ ବିଶାରଦ ଋଷ୍ୟଶୃଙ୍ଗ ମୁନି ସମ୍ପନ୍ନ କରିଥିଲେ । ଯଜ୍ଞ ଶେଷରେ ସ୍ୱୟଂ ଅଗ୍ନିଦେବ ଆବିର୍ଭାବ ହେଲେ ଓ ତିନି ରାଣୀଙ୍କ ସେବନାର୍ଥେ ରଜା ଦଶରଥଙ୍କୁ କ୍ଷୀର ପ୍ରଦାନ କଲେ । ତତପଶ୍ଚାତ ରାଣୀ କୌଶଲ୍ୟାଙ୍କ ଗର୍ଭରୁ ରାମ, କୈକେୟୀଙ୍କ ଗର୍ଭରୁ ଭରତ ଓ ରାଣୀ ସୁମିତ୍ରାଙ୍କ ଗର୍ଭରୁ ଲକ୍ଷ୍ମଣ ଓ ଶତ୍ରୁଘ୍ନ ଜନ୍ମଗ୍ରହଣ କଲେ ।

ବାସ୍ତବରେ ରାମ, ଭରତ, ଲକ୍ଷ୍ମଣ ଓ ଶତ୍ରୁଘ୍ନଙ୍କ ଜନ୍ମ ଏକ ସଂଯୋଗ ମାତ୍ର । ଜୟ ବିଜୟଙ୍କୁ ମୁକ୍ତି ଦେବା ନର ରୂପୀ ନାରାୟଣଙ୍କ ମହତ ଉଦ୍ଦେଶ୍ୟ । ଧରା ପୃଷ୍ଠରୁ ପାପ ହରଣ ଓ ଋଷିମୁନିଙ୍କୁ ଅଭୟ ପ୍ରଦାନ ଶ୍ରୀବିଷ୍ଣୁଙ୍କ ସପ୍ତମ ଅବତାରର ମୂଳ ଲକ୍ଷ୍ୟ ଥିଲା ବୋଲି ବିବେଚନା କରାଯାଏ । ଶ୍ରୀହରି ବିଷ୍ଣୁଙ୍କର ସପ୍ତମ ଅବତାର ସତ୍ୟ ଏବଂ ଦ୍ୱାପର ଯୁଗର ଅବତାର ଠାରୁ ସମ୍ପୂର୍ଣ୍ଣ ଭିନ୍ନ ଓ ସ୍ୱତନ୍ତ୍ର ଥିଲା । ସପ୍ତମ ଅବତାରରେ ସ୍ୱୟଂ ବିଷ୍ଣୁ ମର୍ଯ୍ୟାଦା ପୁରୁଷ ଶ୍ରୀରାମ, ମାଁ ଲକ୍ଷ୍ମୀ ପତିବ୍ରତା ମାଁ ସୀତା, ଶେଷନାଗ ଧନୁର୍ଦ୍ଧାରୀ ଲକ୍ଷ୍ମଣ, ସୁଦର୍ଶନ ଚକ୍ର ଭ୍ରାତୃଭକ୍ତ ଭରତ ଓ ଶଙ୍ଖ ଶତ୍ରୁ ବିଜୟୀ ଶତ୍ରୁଘ୍ନ ଭାବେ ଧରା ପୃଷ୍ଠରେ ଅବତରି ଥିଲେ । ରାମାବତାର ଆଖ୍ୟାନର ସତ୍ୟାସତ୍ୟ ଅବଶ୍ୟ ଏପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ପରିପୁଷ୍ଟ ହୋଇନାହିଁ ।

ହିନ୍ଦୁ ଧର୍ମ ଗ୍ରନ୍ଥ ଜ୍ଞାନର ଭଣ୍ଡାର । ଏହାକୁ ପରିସୀମନ କରିବା ଅକଳ୍ପନୀୟ । ଅସମ୍ଭବ । ଏନି ବେସେନ୍ତ ଏକଦା କହିଥିଲେ ପୁରାତନ ହିନ୍ଦୁ ଧର୍ମ ଗ୍ରନ୍ଥ ଯେତେ ପଢ଼ିବ, ସେତେ ବୁଝିବ । ଆଉ ଯେତେ ବୁଝିବ ତାର ସେତେ ଗଭୀର ଅର୍ଥ ବାହାରିବ । ମାତା କୌଶଲ୍ୟା ସତ୍ତ୍ୱ ଗୁଣ ସଂଯୁକ୍ତା । ତେଣୁ ରାମଚନ୍ଦ୍ର ଧର୍ମର ପ୍ରତୀକ । ରାଣୀ ସୁମିତ୍ରା ରଜୋଗୁଣ ସମ୍ପନ୍ନା । ତେଣୁ ଲକ୍ଷ୍ମଣ ଓ ଶତ୍ରୁଘ୍ନ ଯଥାକ୍ରମେ କାମ ଏବଂ ଅର୍ଥର ପ୍ରତୀକ । ମାତା କୈକେୟୀ ତମୋଗୁଣ ବିଶିଷ୍ଟା । ତେଣୁ ଭରତ ମୋକ୍ଷର ପ୍ରତୀକ । ସତ୍ତ୍ୱ , ରଜସ୍ ଓ ତମୋ ଗୁଣରୁ ଧର୍ମ , ଅର୍ଥ , କାମ ଏବଂ ମୋକ୍ଷର ସୃଷ୍ଟି ବୋଲି ଅନେକେ ମତ ପ୍ରକାଶ କରନ୍ତି । ଅବଶ୍ୟ ଏହି ମତ କେତେଦୂର ଯୁକ୍ତିଯୁକ୍ତ ତାହା କହିବା କାଠିକର ପାଠ । ଭଗବାନଙ୍କ ଅବତାର ନ ହେଲେ ମଧ ଆମ ବ୍ୟକ୍ତିଗତ ବିଚାରରେ ରାମ, ଲକ୍ଷ୍ମଣ, ଭରତ ଓ ଶତ୍ରୁଘ୍ନ ପ୍ରତ୍ୟେକେ ଜଣେ ଜଣେ ମହାପୁରୁଷ । କାରଣ ସ୍ୱୟଂ ନାରାୟଣ ତ୍ରିଗୁଣରହିତ । ସେ ସତ୍, ସେ ଚିତ୍, ସେ ଆନନ୍ଦ । ଅର୍ଥାତ ପରଂ ବ୍ରହ୍ମ ପରମାତ୍ମା ସଚ୍ଚିଦାନନ୍ଦ । ଅଜର ଓ ଅମର । ନିତ୍ୟ ଓ ନିରାଶକ୍ତ । ନିରାକାର ଓ ନିରଞ୍ଜନ ।

**ପ୍ରାକ୍ତନ ଜିଲ୍ଲା ଶିକ୍ଷା ଅଧିକାରୀ, ସମ୍ବଲପୁର**

# ଆମେ ନିଜ ଇଚ୍ଛାର ସଂସାର ଗଢ଼ିପାରିବା

ସଂସାରରେ ଯେଉଁସବୁ ବଡ଼ ବଡ଼ ଜିନିଷ ଦେଖାଯାଏ, ତା'ର ମୂଳ କାରଣ ଉପରେ ବିଚାର କଲେ ଜଣାଯାଏ, ସେସବୁ ଛୋଟ ଛୋଟ ବସ୍ତୁରୁ ନିର୍ମିତ, ଅର୍ଥାତ୍ ସ୍ଥୂଳ ସୂକ୍ଷ୍ମରୁ ତିଆରି ହୁଏ । ମନୁଷ୍ୟର ସାଢ଼େ ପାଞ୍ଚ ଫୁଟ ଲମ୍ବା ଓ ପ୍ରାୟ ଷାଠିଏ ସତୁରି କିଲୋ ଓଜନର ବଡ଼ ଶରୀର ମାତ୍ର ଦୁଇ ବିନ୍ଦୁ ରଜ- ବୀର୍ଯ୍ୟର ହିଁ ବର୍ଦ୍ଧିତ ରୂପ । ବଡ଼ ବଡ଼ ବିଶାଳ ବୃକ୍ଷ ତିଳଭଳି ସାମାନ୍ୟ ବୀଜରୁ ଉତ୍ପନ୍ନ ହୁଅନ୍ତି । ଭୀଷଣ ଦାବାନଳ କ୍ଷୁଦ୍ର ସ୍ଫୁଲିଙ୍ଗରୁ ବିସ୍ତାର ହୋଇଥାଏ ।

ମନୁଷ୍ୟକୁ ଯେଉଁ ବିଶାଳ ବୈଭବ ଓ ସମ୍ପଦ ପ୍ରାପ୍ତ ହୋଇଛି, ତା'ର ମୂଳରେ ରହିଛି ସେହି ଛୋଟ ଛୋଟ ଘଟକ, ଯାହା ଦେଖିବାରେ ବହୁତ ଲଘୁ, ତୁଚ୍ଛ ଓ ନଗଣ୍ୟ ପ୍ରତୀତ ହୁଏ, କିନ୍ତୁ ସତ୍ୟ ଏହା ଯେ, ସେହି ଛୋଟ ଛୋଟ କଥା ହିଁ ବଡ଼ ବଡ଼ ପରିସ୍ଥିତିକୁ ନିର୍ମାଣ କରିଥାଏ । ମଣିଷକୁ ପ୍ରଚୁର ସମ୍ପତ୍ତି, ବିଭୂତି, ସଫଳତା ଓ ମହାନତା ସେହି ଛୋଟ ଛୋଟ ଅଭ୍ୟାସ ଓ ମନୋବୃତ୍ତିରୁ ହିଁ ପ୍ରାପ୍ତ ହୁଏ ।

ସଂସାରରେ ସବୁ ପ୍ରକାରର ଜିନିଷ ରହିଛି । ଯାହାର ଯେଉଁପରି ସ୍ୱଭାବ, ସେ ସେହିପରି ଜିନିଷ ପ୍ରାପ୍ତ କରିନିଏ । କ୍ରୋଧୀ ବ୍ୟକ୍ତିକୁ ସଂସାରର ସମସ୍ତେ କଳିହା – ଝଗଡ଼ିଆପରି ଦେଖାଯାଆନ୍ତି । ମିଛୁଆ ଲୋକକୁ ସମସ୍ତେ ଅବିଶ୍ୱାସୀ ମନେ ହୁଅନ୍ତି । ନୀଚ ସ୍ୱଭାବର ମଣିଷ ଦୁନିଆର ସମସ୍ତଙ୍କୁ ଧୂର୍ତ୍ତ ଓ ସଙ୍କୀର୍ଣ୍ଣ ଭାବିଥାଏ । ଅଳସୁଆପାଇଁ ସଂସାରରେ ଉଦ୍ୟୋଗ ଧନ୍ଦା କିଛି ନାହିଁ । ରୁଗ୍ଣ ମଣିଷକୁ ସବୁ ଖାଦ୍ୟ ପଦାର୍ଥ ଅରୁଚିକର ଓ ହାନିକାରକ ମନେ ହୁଏ । ମନ ଯେଉଁ ଆଡ଼କୁ ଯାଏ, ସେହିପରି ଜିନିଷ ସେ କୁଟାଇନିଏ ।

ପ୍ରତ୍ୟେକ ଜିନିଷ ତିନିଟି ଗୁଣରେ ତିଆରି । ପ୍ରତ୍ୟେକ ବସ୍ତୁରେ ସେହି ତିନି ଗୁଣ ଊଣା ଅଧିକ ବିଦ୍ୟମାନ । ଯେଉଁ ଜିନିଷ ବହୁତ ଭଲ, ସେଥିରେ ମଧ କିଛି ନା କିଛି ଖରାପ ରହିଛି ଏବଂ ଯାହାକୁ ଖରାପ କୁହାଯାଏ, ତାହା ବି ସମ୍ପୂର୍ଣ୍ଣରୂପେ ଭଲରହିତ ନୁହେଁ । ଉଦାହରଣ ସ୍ୱରୂପ ଜଣେ ମନୁଷ୍ୟକୁ ନିଅନ୍ତୁ । ସେ କାହାର ମିତ୍ର, କାହାର ଶତ୍ରୁ, କାହାର ଗୁରୁ ଓ କାହାର ଶିଷ୍ୟ । ସେ କାହାପାଇଁ ଚୋର, କାହାପାଇଁ ଦାନୀ, କାହାର ମାଲିକ, କାହାର ଚାକର । ସ୍ପଷ୍ଟ ଯେ ତା'ଠାରେ ପ୍ରେମ, ଦ୍ୱେଷ, ଉପଦେଷ୍ଟାପଣ, ଜିଜ୍ଞାସା, ପାପ, ପୁଣ୍ୟ, ଦାସତ୍ୱ ଆଦି ସବୁ ଗୁଣ ବିଦ୍ୟମାନ ।

ଜଣେ ହିଁ ବ୍ୟକ୍ତି ମାତାଙ୍କ ଦୃଷ୍ଟିରେ ଗେହ୍ଲା ପୁଅ, ପତ୍ନୀଙ୍କପାଇଁ କାମଦେବ ସମାନ, ଭଉଣୀଙ୍କ ଦୃଷ୍ଟିରେ ପବିତ୍ର ଭାଇ, ପୁତ୍ରର ଦୃଷ୍ଟିରେ ପୂଜନୀୟ ପିତା, ଶିଷ୍ୟର ଦୃଷ୍ଟିରେ ବିଦ୍ୟାର ଭଣ୍ଡାର, ଗୁରୁଙ୍କ ଦୃଷ୍ଟିରେ ଜିଜ୍ଞାସା ଓ ବିନୟର ପ୍ରତିମୂର୍ତ୍ତି । ମଣିଷ ଜଣେ, କିନ୍ତୁ ତା'ପାଇଁ ଭିନ୍ନ ଭିନ୍ନ ବିଚାରର ଲୋକଙ୍କ ମନରେ ଭିନ୍ନ ଭିନ୍ନ ଭାବ ଉତ୍ପନ୍ନ ହୋଇଥାଏ ।

ଏହି ତ୍ରିଗୁଣମୟୀ ପ୍ରକୃତିରେ ନିଜ ଇଚ୍ଛାର ପ୍ରଚୁର ସାମଗ୍ରୀ ବିଦ୍ୟମାନ । ଯଦି ଆପଣ ସତ୍ତ୍ୱଗୁଣୀ ଅଟନ୍ତି, ତେବେ ତିନି-ଚତୁର୍ଥାଂଶ ସଂସାର ସତ୍ତ୍ୱଗୁଣରେ ପରିପୂର୍ଣ୍ଣ ଦେଖାଯିବ । ଯଦି ଆପଣଙ୍କ ଭିତରେ ତମର ପରିମାଣ ଅଧିକ ରହିଛି, ତେବେ ସଂସାରର ତିନି-ଚତୁର୍ଥାଂଶ ତାମସିକତାରେ ପୂର୍ଣ୍ଣ ଦେଖାଯିବ । ଯଥାର୍ଥରେ ସଂସାରରେ ଭଲ-ମନ୍ଦ ସମାନ ପରିମାଣରେ ରହିଛି । ଯଦି ଆପଣ ଭଲ ଲୋକ, ତେବେ ଭଲ ଭଲ ଜିନିଷ ହିଁ ଆପଣଙ୍କ ସମ୍ମୁଖକୁ ଆସିବ । ଖରାପ ଜିନିଷକୁ ଉପଯୋଗରେ ଆଣିଲେ ମଧ ଆପଣ ନିଜର ଉତ୍ତମ ସ୍ୱଭାବର କାରଣରୁ ତାହା ଭିତରୁ ଭଲ ତତ୍ତ୍ୱକୁ ହିଁ ଗ୍ରହଣ କରିବେ ।

ଦାର୍ଶନିକ ଇମର୍ସନ କହିଛନ୍ତି – 'ଯଦି ମୋତେ ନରକରେ ରହିବାକୁ ପଡ଼େ, ତେବେ ମୁଁ ନିଜର ଉତ୍ତମ ସ୍ୱଭାବ କାରଣରୁ ସେଠାରେ ମଧ ସ୍ୱର୍ଗ ନିର୍ମିତ କରିନେବି ।

ଯାହାର ମନୋଭାବ, ବିଚାରଧାରା, ମାନ୍ୟତା ଉଚ୍ଚକୋଟିର ଓ ସାତ୍ତ୍ୱିକ, ତାଙ୍କପାଇଁ ସର୍ବତ୍ର ସ୍ୱର୍ଗ । ତାଙ୍କପାଇଁ ଚୌଦିଗରେ ଆନନ୍ଦ, ପ୍ରେମ, ସଦ୍ ବ୍ୟବହାର ପୂରିଥିବା ଦେଖାଯାଏ । ତାଙ୍କପାଇଁ ଇହ-ପର କୌଣସି ଲୋକରେ ନରକ ନାହିଁ । ବିପରୀତପକ୍ଷେ ଯାହାର ଦୃଷ୍ଟିକୋଣ ନିକୃଷ୍ଟ, ଭାବନା ସଙ୍କୁଚିତ, ତା'ପାଇଁ ଚୌଦିଗରେ ନରକର ଦାବାନଳ ଜଳୁଛି । ତାକୁ ନା ଇହଲୋକରେ ସନ୍ତୋଷ ଓ ନା ପରଲୋକରେ ଶାନ୍ତି । ତା'ର ହୃଦୟରେ ହିଁ ନରକ ରହିଛି, ତେଣୁ ସେ ଯେଉଁଠାକୁ ଗଲେ ମଧ ତାକୁ ନରକ ହିଁ ପ୍ରାପ୍ତ ହେବ । ତା' ଆଖିକୁ ମୁଁ ଅନ୍ୟମାନେ ଧୋକାବାଜ, ଦୁଷ୍ଟ, ଶଇତାନ ଓ ସ୍ୱାର୍ଥୀ ଦେଖାଯାଆନ୍ତି । ତା'ପାଇଁ ମନୁଷ୍ୟ ବି ସେପରି ଓ ଦେବତାମାନେ ମଧ ସେହିପରି ଦେଖାଯିବେ ।

ଉପରୋକ୍ତ ପଂକ୍ତିଗୁଡ଼ିକରେ ଆମେ ଏହା ବୁଝାଇବାର ପ୍ରୟାସ କରିଛୁ ଯେ, ସଂସାର ପ୍ରିୟ ବା ଅପ୍ରିୟ ହେବା ନିଜର ବିଚାରଧାରା ଓ ମାନସିକ ଅବସ୍ଥା ଉପରେ ନିର୍ଭର । ଏଣୁ ଆମେ ନିଜ ଜୀବନକୁ ଓ, ଯେଉଁପରି ବନାଇବାକୁ ଚାହିଁବା, ସେହିପରି ବନାଇ ପାରିବା, ଏହା ନିଜ ଇଚ୍ଛା ଉପରେ ନିର୍ଭର କରେ । କି, ଆମେ ଯେଉଁ ପରିସ୍ଥିତିରେ ରହିବାକୁ ଚାହିଁବା, ଯେଉଁ ଜିନିଷ ପ୍ରାପ୍ତ କରିବାକୁ ଚାହିଁବା, ତାକୁ ନିଃସନ୍ଦେହରୂପେ ପ୍ରାପ୍ତ କରିପାରିବା । ଏହି ପ୍ରାପ୍ତିର ସର୍ବପ୍ରଧାନ ଉପାୟ ହେଉଛି ଆମେ ନିଜକୁ ଅନୁକୂଳ ବନାଇବା, ନିଜ ଭିତରେ ସେହି ବଳ, ଯୋଗ୍ୟତା ଓ ଆକର୍ଷଣ ଉତ୍ପନ୍ନ କରିବା, ଯାହାଦ୍ୱାରା ଇଚ୍ଛିତ ବସ୍ତୁକୁ ପ୍ରାପ୍ତ କରାଯାଇପାରିବ ।

କୌଣସି ବସ୍ତୁକୁ ପ୍ରଚୁର ପରିମାଣରେ ପ୍ରାପ୍ତ କରିବା ଓ ତାକୁ ଅଧିକ କାଳ ପର୍ଯ୍ୟନ୍ତ ସୁରକ୍ଷିତ ରଖିବାକୁ ହେଲେ ସେଥିପାଇଁ ବ୍ୟକ୍ତିଗତ ବିଶେଷତା ଦରକାର ହୁଏ । କାହାକୁ କାହା କୃପାରୁ କିଛି ସୁଖ ସୁବିଧା ପ୍ରାପ୍ତ ହୋଇଗଲେ ମଧ ତାହା ନା ଅଧିକ ସମୟ ରହେ, ନା ତାହା ତା'ର ଉନ୍ନତିରେ ସହଯୋଗୀ ହୁଏ, ବରଂ ଓଲଟା ବିପତ୍ତିରେ ପକାଇଦିଏ । ଦୁର୍ଗୁଣୀ ମଣିଷକୁ ଯଦି କାହାଠାରୁ ଲକ୍ଷେ ଟଙ୍କା ମିଳି ବି ଗଲା, ତେବେ ସେ ତାକୁ ଅଳ୍ପ ସମୟରେ ହିଁ ବ୍ୟସନ ଫେସନ ଆଦି ଦୁଷ୍କର୍ମରେ ଉଡ଼ାଇ ସ୍ୱାହା କରିଦେବ । ତାକୁ କେବଳ ରୋଗ, ନିନ୍ଦା, ଶତ୍ରୁତା, ଶୋକ, ପଶ୍ଚାତ୍ତାପ ହିଁ ପ୍ରାପ୍ତ ହେବ । ସେହି ପଇସାରୁ ଯେତିକି ସୁଖ ଉଠାଇ ନଥିବ, ତତୋଧିକ ଦୁଃଖ-ଶୋକ ତା'ର ପଛରେ ଲାଗିଯିବ । ଶେଷରେ ସେହି ଏକ ଲକ୍ଷ ଟଙ୍କା ତା'ର ଅଶାନ୍ତିର ହିଁ କାରଣ ହେବ ।

ଜଣେ ଉତ୍ତମ ପ୍ରକୃତିର, ଭଲ ସ୍ୱଭାବର ଲୋକ ସାଧାରଣ ଘରେ ଜନ୍ମିଥିଲେ ମଧ ନିଜର ସଦ୍‌ଗୁଣ କାରଣରୁ ଲୋକଙ୍କ ହୃଦୟରେ ନିଜପାଇଁ ସ୍ଥାନ ପ୍ରାପ୍ତ କରିନିଏ । ସେ ଧନ ଉପାର୍ଜନ କରେ, ବଡ଼ ହୁଏ, ଯଶସ୍ୱୀ ହୁଏ, ପ୍ରତିଷ୍ଠା ପ୍ରାପ୍ତ କରେ, ତାକୁ ଚୌଦିଗରୁ ସହଯୋଗ ପ୍ରାପ୍ତ ହୁଏ । ତା'ର ସ୍ୱଭାବ-ସୁଗନ୍ଧ କାରଣରୁ ସଚ୍ଚା ମିତ୍ରଗଣ ସଦା ତା'ର ଆଖପାଖରେ ରହିଥାନ୍ତି । ଏଭଳି ମଣିଷପାଇଁ ତା'ର ଗରିବ ହେବା ମଧ ଧନୀଠାରୁ ବଳି ସୁନ୍ଦର । ଦୁର୍ଗୁଣ ଓ ଦୁଷ୍ଟ ସ୍ୱଭାବ କାରଣରୁ ଧନୀମାନଙ୍କୁ ମଧ ଯେଉଁ ସୁଖ, ଆନନ୍ଦ ସ୍ୱପ୍ନରେ ବି ପ୍ରାପ୍ତ ହୁଏନାହିଁ, ତାକୁ ତାହା ସହଜରେ ପ୍ରାପ୍ତ ହୋଇଯାଏ ।

ସାଧାରଣ ଭାବରେ ଲୋକେ ବାହାରେ ସୁଖ ଖୋଜିଥାନ୍ତି । ଯେଉଁମାନେ ନିଜକୁ ଅମୁକ ଦେବୀ – ଦେବତା, ଗ୍ରହ-ନକ୍ଷତ୍ର, ଭୂତ-ପ୍ରେତ, ଯନ୍ତ୍ର-ତନ୍ତ୍ର, ରାଜା–ଶେଠ, ସନ୍ଥ-ସାମନ୍ତଙ୍କ କୃପାରୁ ସୁଖୀ ବନାଇବାର ଆଶା କରନ୍ତି, ସେମାନେ ଭୁଲ୍ କରନ୍ତି । ଦୁନିଆରେ କେବଳ ଗୋଟିଏ ଶକ୍ତି ମନୁଷ୍ୟର ଉତ୍ଥାନ-ପତନ କରିଥାଏ, ତାହା ହେଉଛି – ନିଜର ମାନସିକ ସ୍ଥିତି । ଯିଏ ବି ମହାନତାକୁ ପ୍ରାପ୍ତ ହୋଇଛି, ଏହି ମହାଶକ୍ତିର କୃପାରୁ ହୋଇଛି । ଯଦି କାହାର ସର୍ବନାଶ ହୋଇଛି, ତେବେ ବି ଏହି ଶକ୍ତିର ଅଭିଶାପରୁ ହିଁ ହୋଇଛି । ଆମେ ଅନ୍ୟର ସହାୟତା ନେଇ ଏହି ଶକ୍ତିକୁ ଉତ୍ତମ ବନାଇପାରୁ ଏବଂ ସେହି ଉତ୍ତମତାଦ୍ୱାରା ସ୍ଥାୟୀ ମହାନତାକୁ ପ୍ରାପ୍ତ କରିପାରୁ, ଏହା ସମ୍ଭବ । କିନ୍ତୁ ନିଜର ଅଯୋଗ୍ୟତା ଯଥାସ୍ଥାନରେ ରହିଥିବ ଏବଂ ଆମେ ଅନାୟାସରେ ସୁଖ ସୌଭାଗ୍ୟ ପ୍ରାପ୍ତ କରିବାକୁ ଚାହିଁବା, ଏହା ପୂର୍ଣ୍ଣତଃ ଅସମ୍ଭବ ।

ଶାସ୍ତ୍ର କହେ– 'ସତ୍ତ୍ୱଂ ସୁଖେ ସଂଜୟତି ।' ସତ୍ତ୍ୱରୁ ସୁଖ ଜାତ ହୁଏ । ଯଦି ଆପଣ ନିଜକୁ ସୁଖୀ ବନାଇବାକୁ ଚାହାଁନ୍ତି, ତେବେ ଥରେ ଅନ୍ତର୍ନିରୀକ୍ଷଣ କରି ଦେଖନ୍ତୁ, ନିଜର ଖରାପ ଗୁଣକୁ ଠିକ୍ କରନ୍ତୁ, ନିଜ ଭିତରେ ସଦ୍‌ଗୁଣ ଉତ୍ପନ୍ନ କରନ୍ତୁ । 'ସ୍ୱ' କୁ ସମ୍ଭାଳିଦେଲେ 'ପର' ମଧ ସମ୍ଭାଳିଯାଏ । ଦୁନିଆ ଦର୍ପଣପରି, ସେଥିରେ ନିଜର ହିଁ ଚେହେରା ଦିଶିଥାଏ । ପକ୍କା ଅଟ୍ଟାଳିକାରେ ଶବ୍ଦ ଗୁଞ୍ଜରିତ ହୋଇ ପ୍ରତିଧ୍ୱନି ଉତ୍ପନ୍ନ ହୋଇଥାଏ । ସେହିପରି ନିଜର ଗୁଣ, କର୍ମ, ସ୍ୱଭାବ ଅନୁରୂପେ ସଂସାରରୁ ପ୍ରତ୍ୟୁତ୍ତର ପ୍ରାପ୍ତ ହୁଏ । ଆମେ ଯେଉଁଆଡ଼କୁ ଯିବା, ଛାୟା ଆମ ପଛେ ପଛେ ଚାଲିବ । ଏଣୁ ଏହା ହିଁ ଉଚିତ ଯେ, ଆମେ ନିଜକୁ ସୁଖ ପ୍ରାପ୍ତ କରିବାର ଅଧିକାରୀ ବନାଇବା, ନିଜର ଆଚରଣ ଓ ବିଚାରକୁ ସମୁଚିତ ସଂଶୋଧନ କରିବା, ଏହା ହିଁ ସଫଳତାର ମାର୍ଗ ।

# ସଦା ଗତିଶୀଳ ରହନ୍ତୁ

ଯିଏ ସଦା ଗତିଶୀଳ ରହେ, ସେ ସ୍ୱସ୍ଥ, ସବଳ ଓ ଦୀର୍ଘାୟୁ ହୋଇଥାଏ । ଯିଏ ଥକିଯାଇ ପରାଜୟ ସ୍ୱୀକାର କରି ଗୋଟିଏ ଜାଗାରେ ବସିଯାଏ, ସେ ଦୁର୍ବଳ, ଅସୁସ୍ଥ ଓ ଅଳ୍ପାୟୁ ହୋଇଥାଏ । ଏହି ପ୍ରାକୃତିକ ନିୟମ ସର୍ବତ୍ର ଦେଖାଯାଏ । ସଦା ତୀବ୍ରଗତିରେ ପ୍ରବାହିତ କଳନାଦିନୀ ନଦୀର ଜଳ ଜୀବନ ଓ ଉଲ୍ଲାସରେ ପରିପୂର୍ଣ୍ଣ ହୋଇଥାଏ । ବିପରୀତପକ୍ଷେ ଯେଉଁ ଜଳରେ ପ୍ରବାହ ନଥାଏ, ଚାରିପଟରୁ ଘେରି ଗୋଟିଏ ସ୍ଥାନରେ ଜମାହୋଇ ରହିଯାଏ, ତାହା ସଢ଼ିକରି ଦୁର୍ଗନ୍ଧଯୁକ୍ତ ହୋଇଯାଏ । ଏହି ଜଳକୁ ଗତିଶୀଳ କରିଦେଲେ ସେଥିରେ ପୁଣି ନବଜୀବନ, ଶୁଦ୍ଧି ଏବଂ ଶକ୍ତିର ସଞ୍ଚାର ହୋଇଯାଏ ।

ଗତି ହିଁ ଜୀବନ ଏବଂ ସ୍ଥିରତା ମୃତ୍ୟୁର ପର୍ଯ୍ୟାୟଭୁକ୍ତ । ପ୍ରକୃତିର ନିରୀକ୍ଷଣ କରନ୍ତୁ । ଅନନ୍ତ ଆକାଶରେ ଭ୍ରମଣ କରୁଥିବା ସୂର୍ଯ୍ୟ ପ୍ରାତଃକାଳରୁ ନିଜର ଗତିମାନ ଜୀବନ ଆରମ୍ଭ କରେ ଏବଂ ଅସଂଖ୍ୟ ଲୋକଙ୍କୁ ଦ୍ୟୁତିମାନ କରିବା ସହିତ ପୂରା ଦିନ ଗତିଶୀଳ ରହି ରାତ୍ରିରେ ବିଶ୍ରାମ କରେ । ତା'ର ଜୀବନ ପ୍ରତିଦିନ, ପ୍ରତିକ୍ଷଣ ଗତିରେ ପରିପୂର୍ଣ୍ଣ ରହେ । ସେ ନିରନ୍ତର ଆଗକୁ ବଢୁଥାଏ । ଗତିଶୀଳ ରହିବା କାରଣରୁ ହିଁ ତାହାଦ୍ୱାରା ବିଶ୍ୱର ଭରଣ ପୋଷଣ ହେଉଛି । ସୂର୍ଯ୍ୟ ଗୋଟିଏ ଦିନ ମଧ ବିଶ୍ରାମ କରିଦେଲେ ଜୀବ-ଜଗତପାଇଁ ମୃତ୍ୟୁର ସଙ୍କଟ ଉପସ୍ଥିତ ହୋଇପାରେ ।

ଜୀବଜନ୍ତୁ, ପଶୁପକ୍ଷୀଙ୍କୁ ଦେଖନ୍ତୁ, ସର୍ବତ୍ର ଗତି ରହିଛି । ସେମାନେ କେବେ ଆଳସ୍ୟ କରନ୍ତି ନାହିଁ, ସଦା ଉଦ୍ୟମଶୀଳ ରହିଥାନ୍ତି । ଗତିମାନ ଜୀବନ କାରଣରୁ ସେମାନେ ସ୍ୱାସ୍ଥ୍ୟ, ସୌନ୍ଦର୍ଯ୍ୟ ଏବଂ ସ୍ଫୁରୀର ଆନନ୍ଦ ପ୍ରାପ୍ତ କରନ୍ତି । ଆକାଶରେ ଯତ୍ର-ତତ୍ର ବିଚରଣରତ ପକ୍ଷୀ, ବଣ ଜଙ୍ଗଲରେ ଘୂରି ବୁଲୁଥିବା ହରିଣ, ଗତିଶୀଳ ଗାଈ, ଘୋଡ଼ା, ଛେଳି–ମେଣ୍ଢା, ମହିଷ, ବୃକ୍ଷ ଉପରେ ଡିଆଁ ମାରୁଥିବା ମାଙ୍କଡ଼, ପାଣି ଭିତରେ ଗତିଶୀଳ ମାଛ, କଇଁଛ, କୁମ୍ଭୀର ଆଦି ଜୀବ ପୂର୍ଣ୍ଣ ସ୍ୱସ୍ଥ ଓ ସ୍ଫୁର୍ତ୍ତିଯୁକ୍ତ ଜୀବନ ଯାପନ କରିଥାନ୍ତି । ଏମାନଙ୍କ ଜୀବନରେ 'ଗତି' ନବଉଲ୍ଲାସର ପ୍ରତୀକ । ଅପରପକ୍ଷେ ଆଳସ୍ୟହେତୁ ଜଡ଼ପରି ପଡ଼ି ରହୁଥିବା ଜୀବ ପଙ୍ଗୁ, ଅଳ୍ପାୟୁ ଓ ଅସ୍ୱସ୍ଥ ରହିଥାନ୍ତି । ନିଷ୍କ୍ରିୟ ଜୀବନ ଯାପନ କରୁଥିବା ଜୀବ ଶୀଘ୍ର ମୃତ୍ୟୁ ମୁଖକୁ ଚାଲିଯାଇଥାନ୍ତି । ଶିଥିଳତାରେ ପଡ଼ିରହିଥିବା କାରଣରୁ ସେମାନଙ୍କର ଅବୟବ ଭଲଭାବେ କାମ କରନ୍ତି ନାହିଁ ।

ପ୍ରାଣୀଶାସ୍ତ୍ର ଶିକ୍ଷା ଦିଏ, ଯେଉଁମାନେ ଶାରୀରିକ, ମାନସିକ ଓ ଆଧାତ୍ମିକ ଶକ୍ତିର ନିରନ୍ତର ଉପଯୋଗ କରିଥାନ୍ତି, ଗତିଶୀଳତା କାରଣରୁ ସେମାନଙ୍କର ସେହି ଶକ୍ତିଗୁଡ଼ିକ ତଥା ସେମାନଙ୍କର ଅଙ୍ଗ-ପ୍ରତ୍ୟଙ୍ଗ ପରିପୁଷ୍ଟ ଏବଂ ସୁନ୍ଦର ହୋଇଥାନ୍ତି । କାମ କରୁନଥିବା ଅବୟବ ଶୁଖି ନଷ୍ଟ ହୋଇଯାଆନ୍ତି । ନିରନ୍ତର କାର୍ଯଦ୍ୱାରା ଆମ ଶରୀର ପୁଷ୍ଟ ହୋଇ ଆତ୍ମିକ ଉଚ୍ଚତା ପ୍ରାପ୍ତ ହୁଏ ।

'ଗତିଶୀଳତା'ର ଅର୍ଥ ବହୁତ ବିସ୍ତୃତ । ଏହାର ଅର୍ଥ ହେଉଛି – ସଦା କିଛି ନା କିଛି କରୁଥାଆନ୍ତୁ, ଆଳସ୍ୟ ପ୍ରମାଦରେ ପଡ଼ି ନିଷ୍କ୍ରିୟ ରହନ୍ତୁ ନାହିଁ । ଏକ କାମପରେ ଅନ୍ୟ ନୂଆ କାମ ଅବଶ୍ୟ ଆରମ୍ଭ କରନ୍ତୁ । ମାନସିକ କାର୍ଯ୍ୟପରେ ଶାରୀରିକ, ଶାରୀରିକ ଶ୍ରମପରେ ମାନସିକ କାର୍ଯ୍ୟ, ଏହି କ୍ରମ ଜାରି ରଖିଲେ ମଣିଷ ସଦା କାର୍ଯ୍ୟଶୀଳ ଜୀବନ ବ୍ୟତୀତ କରେ ।

ଆଳସ୍ୟ ଶତ୍ରୁ ଅଟେ, ସକ୍ରିୟତା ଜୀବନ, ଜାଗୃତିର ଲକ୍ଷଣ । ଶ୍ରମ ହିଁ ମଣିଷର ସର୍ବୋତ୍କୃଷ୍ଟ ସମ୍ପଦ । ଅଳସୁଆ ମଣିଷ ପରିବାର ଓ ସମାଜର ଶତ୍ରୁ । ସେ ଅନ୍ୟର ଶ୍ରମ-ସଞ୍ଚୟରେ ନିର୍ବାହ କରିଥାଏ । ଏଭଳି ଲୋକଠାରୁ ସାବଧାନ ରହିବା ଉଚିତ ।

ପରିବାରରେ ଯେତିକି ବ୍ୟକ୍ତି ଅଛନ୍ତି, ସମସ୍ତେ ସକ୍ରିୟ ରହନ୍ତୁ, ନିଜ ନିଜ କାମକୁ ଜାଗରୁକ ହୋଇ ସମ୍ପନ୍ନ କରନ୍ତୁ । ମୁଖିଆର କର୍ତ୍ତବ୍ୟ ଯେ, ସେ ନିଜ ପିଲାମାନଙ୍କୁ ଆରମ୍ଭରୁ ହିଁ କାମ କରିବାର ଅଭ୍ୟସ୍ତ କରାନ୍ତୁ । ଆଳସ୍ୟ ପିଲାଙ୍କ ଭବିଷ୍ୟତପାଇଁ ବହୁତ ହାନିକାରକ ।

ନିରନ୍ତର କାର୍ଯ୍ୟ କଲେ ବାସନା ନିୟନ୍ତ୍ରିତ ରହେ । ଥକିଯିବାଦ୍ୱାରା ମଣିଷର ମନ ଘୃଣାସ୍ପଦ କାର୍ଯ୍ୟରୁ ରକ୍ଷା ପାଇଯାଏ । ତା'ର ମନ ଶୁଭକାର୍ଯ୍ୟ ଦିଗରେ ଅଧିକ ଲାଗେ । କାର୍ଯ୍ୟଶୀଳତା ଚରିତ୍ରକୁ ପ୍ରଖର କରିଦିଏ ଏବଂ 'ସ୍ୱାସ୍ଥ୍ୟ – ସୌନ୍ଦର୍ଯ୍ୟରେ ପରିପୂର୍ଣ୍ଣ କରିଦିଏ ।

ଅବଶିଷ୍ଟାଂଶ ୪ର୍ଥ ପୃଷ୍ଠାରେ

## ଆଜିର ଚିନ୍ତନ

'ଜନ୍ମ କର୍ମ ଚ ମେ ଦିବ୍ୟମେବଂ' ଭଗବାନଙ୍କ ଜନ୍ମ ଓ କର୍ମର ଦିବ୍ୟ କଥା ହେଉଛି ଗୀତା । ଜୀବାତ୍ମା ଓ ପରମାତ୍ମା ଉଭୟ ଜନ୍ମ ନିଅନ୍ତି, କର୍ମ ମଧ ଉଭୟ କରନ୍ତି । ଚର୍ମଚକ୍ଷୁର ସାମାନ୍ୟ ଦୃଷ୍ଟି ଉଭୟଙ୍କ ମଧରେ ସମାନତା ଦେଖୁ ଦେଖୁ ଭ୍ରମିତ ହୋଇଯାଏ । ଯେତେବେଳେ କି ଅନ୍ତଃଚକ୍ଷୁର ଆଧାତ୍ମିକ ଦୃଷ୍ଟି ଏ ଦୁହିଁଙ୍କ ମଧରେ ସ୍ପଷ୍ଟ ଅନ୍ତର ଦେଖି ପାରିବାରେ ସମର୍ଥ ହୋଇଥାଏ । ଜଣଙ୍କର ଜନ୍ମ ଓ କର୍ମ ଲୌକିକ ହୋଇଥାଏ ତ ଅନ୍ୟ ଜଣଙ୍କ ମଧରେ ଅଲୌକିକତାର ଆଲୋକ ହୋଇ ଥାଏ ।


ଜୀବାତ୍ମା କର୍ମର ପ୍ରାରବ୍ଧ ବନ୍ଧନରେ ବାନ୍ଧିହୋଇ ଜନ୍ମ ନିଏ । ପ୍ରାରବ୍ଧ- ପାଶ ହିଁ ତା'ର ପରିବାର, ପରିବେଶ –ପରିସ୍ଥିତି ଓ କର୍ମଗୁଡ଼ିକର କାରଣ ହୋଇଥାଏ । ତା'ର ପୁରୁଷାର୍ଥ ମଧ ପରମାତ୍ମାଙ୍କ ସହିତ ଯୋଡ଼ି ହୋଇ ହିଁ ପୂର୍ଣ୍ଣ ହୋଇଥାଏ । ମୁକ୍ତିର ଆକାଂକ୍ଷା ତାକୁ ଜୀବନ ସାରା କୌଣସି ନା କୌଣସି ପ୍ରକାରେ ପ୍ରାୟ ବ୍ୟାକୁଳିତ କରିଥାଏ ; ଯଦିଓ ପରମାତ୍ମା ସ୍ୱସଂକଳ୍ପ ଓ ଅବତାର ପ୍ରୟୋଜନ ନିମନ୍ତେ ଜନ୍ମ ନିଅନ୍ତି । ସେ ଜୀବମାନଙ୍କୁ ପ୍ରାରବ୍ଧ-ପାଶରୁ ମୁକ୍ତ କରନ୍ତି । ସେ ମୁକ୍ତିର ଆକାଂକ୍ଷା ପାଇଁ ନୁହେଁ, ମୁକ୍ତିପ୍ରଦାତା ହୋଇ ଆସନ୍ତି । ସେ ପ୍ରକୃତିର ଅଧୀନ ହୋଇ ନୁହେଁ, ପ୍ରକୃତିକୁ ନିଜର ଅଧୀନ କରି ଜନ୍ମ ନିଅନ୍ତି, କର୍ମ କରନ୍ତି । ସେଥିପାଇଁ କୁହାଯାଇଛି – 'ପରବସ ଜୀବ ସ୍ୱବସ ଭଗବଂତା । ଜୀବ ଅନେକ ଏକ ଶ୍ରୀକଂତା ।' ଅନେକ ଜୀବଙ୍କର ଏକମାତ୍ର ସ୍ୱାମୀ ଶ୍ରୀରାମ ଅଯୋଧାରେ ଜନ୍ମ ନିଅନ୍ତୁ ବା ପୁଣି ଆଁୱ୍ଲଖେଡ଼ାରେ, ତାଙ୍କ ଜନ୍ମର କ୍ଷଣ ଚୈତ୍ର ଶୁକ୍ଳ ନବମୀ ହେଉ ବା ଆଶ୍ୱିନ କୃଷ୍ଣ ତ୍ରୟୋଦଶୀ, ସେ ପରମଦିବ୍ୟ ହୋଇଥାନ୍ତି । ତାଙ୍କ କର୍ମର କାରଣ ମଧ ସର୍ବଦା 'ନିସିଚର ହୀନ କରଉଁ ମହି ? ହିଁ ହୋଇଥାଏ । ଏଭଳି ସ୍ଥିତିରେ ମହାପରିବର୍ତ୍ତନ କରୁଥିବା ତାଙ୍କ ଅବତାର କାର୍ଯ୍ୟରେ ଆମ ଭଳି ପ୍ରଭୁଭକ୍ତମାନଙ୍କ ସଂକଳ୍ପ ମଧ 'ରାମ କାଜୁ କୀନ୍ ହଂ ବିନୁ ମୋହି କହାଁ ବିଶ୍ରାମ' ହିଁ ହେବା ଉଚିତ ।

ବର୍ଷ ୨୮, ସଂଖ୍ୟା - ୩୪, ୨୫ - ୩୧ ଅଗଷ୍ଟ ୨୦୨୪

# ପ୍ରକୃତିର ପ୍ରତିଶୋଧ

ପ୍ରକୃତିର କୋପଆଗରେ ମଣିଷ ଯେ କେତେ ଅସହାୟ ଓ ବିବଶ ତାର ଏକ ସଦ୍ୟତମ ଦୃଷ୍ଟାନ୍ତ ହେଉଛି କେରଳର ୱାୟନାଡ ଜିଲ୍ଲାରେ ଘଟିଥିବା ମୃତ୍ୟୁର ତାଣ୍ଡବ । ଗତ ଜୁଲାଇ ୨୯ ତାରିଖ ମଙ୍ଗଳବାର ବର୍ଷା ବିପ୍ରାତ ସାଙ୍ଗକୁ ମଧ ରାତିରେ ତାଣ୍ଡବ ରଚିଲା ଭୂସ୍ଖଳନ । ଥରେ ନୁହେଁ, ଚାରିଘଣ୍ଟା ମଧରେ ପଶ୍ଚିମ ଘାଟର ତିନୋଟି ସ୍ଥାନରେ ଭୂସ୍ଖଳନ ଘଟି ନିଶ୍ଚିହ୍ନ ହୋଇଗଲା ଚାରୋଟି ଗାଁ । ସକାଳ ହେଲା ବେଳକୁ ଲିଭି ଯାଇ ସାରିଥିଲା ଶହଶହ ଲୋକଙ୍କ ଜୀବନ ଦୀପ । ଏଣେତେଣେ ଗଦା ହୋଇ ପଡିଥିଲା ପାହାଡରୁ ଧସି ଆସିଥିବା ମାଟି,କାଦୁଅ ଓ ପଥର । ନଦୀ ବି ବଦଳେଇ ସାରିଥିଲା ଗତିପଥ । ପ୍ରକୃତି ଆଗରେ ମଣିଷର ଅସହାୟତା ବଖାଣୁଥିଲା ମୃତକମାନଙ୍କୁ ଚିହ୍ନଟ କରିବାକୁ ଆସୁଥିବା ପରିବାର ପରିଜନଙ୍କ ବୁକୁଫଟା କ୍ରନ୍ଦନ । ବିପର୍ଯ୍ୟୟର ସପ୍ତାହକ ପରେ ବି ଗ୍ରାମ ସନ୍ନିକଟ ଚେଲି ନଦୀରୁ ଉଦ୍ଧାର ହେଉଥିଲା ଶବ । ଦିନେ ଯେଉଁ ସୌନ୍ଦର୍ଯ୍ୟ ଭରା ଦେବଭୂମି ମନକୁ ମୋହି ନେଉଥିଲା ପ୍ରକୃତିର ମୋହନ ରୂପ, ଆଜି ସେଠାରେ ମଣିଷକୁ ଯନ୍ତ୍ରଣା କାତର କରିଦେଇଛି ବିନାଶର କରାଳ ଦୃଶ୍ୟ । ପ୍ରକୃତି କେବେ ଇଛା କରି ରୁଦ୍ର ମୂର୍ତ୍ତି ଧାରଣ କରେ ନାହିଁ, ଅତ୍ୟାଚାରର ସୀମା ଟପିଲେ ସେ ହରାଇ ବସେ ଭାରସାମ୍ୟ । ବାରମ୍ବାର ସତର୍କ ସୂଚନା ଦେଲା ପରେ ବି ପରିସ୍ଥିତିରେ ସୁଧାର ନ ଆସିଲେ ଧାରଣ କରେ ପ୍ରଳୟଙ୍କରୀ ରୂପ । ଏହି ଦୃଷ୍ଟିରୁ ବିଚାର କଲେ ପଶ୍ଚିମଘାଟ ପର୍ବତମାଳାରେ ଭୂସ୍ଖଳନ କିଛି ନୂଆ କଥା ନୁହେଁ ବିପର୍ଯ୍ୟୟର ଏହି ଧାରାବାହିକତା କହେ ହିମାଳୟ ପରେ ପଶ୍ଚିମଘାଟ ହେଉଛି ଦେଶର ଦ୍ୱିତୀୟ ସର୍ବାଧିକ ଭୂସ୍ଖଳନ ପ୍ରବଣ ଅଞ୍ଚଳ । ଏହାକୁ ଦୃଷ୍ଟିରେ ରଖି କେନ୍ଦ୍ର ସରକାରଙ୍କ ପକ୍ଷରୁ ୨୦୧୧ ମସିହାରେ ବିଶିଷ୍ଟ ପରିବେଶ ବିଜ୍ଞାନୀ ମାଧବ ଗାଡଗିଲଙ୍କ ଅଧକ୍ଷତାରେ ଗଠନ ହୋଇଥିଲା ପଶ୍ଚିମଘାଟ ପରିବେଶ ବିଶେଷଜ୍ଞ ମଣ୍ଡଳୀ । ଗୁଜରାଟ ଓ ମହାରାଷ୍ଟ୍ର ସୀମାରୁ ଆରମ୍ଭ ହୋଇ କର୍ଣ୍ଣାଟକ, ଗୋଆ ଓ କେରଳ ପର୍ଯ୍ୟନ୍ତ ବିସ୍ତାରିତ ପଶ୍ଚିମଘାଟର ୭୫ ଭାଗ ଅଞ୍ଚଳକୁ ଜୈବ ସମ୍ବେଦନଶୀଳ ଅଞ୍ଚଳ ଭାବେ ଘୋଷଣା କରିବା ପାଇଁ ସେହି ବିଶେଷଜ୍ଞ ମଣ୍ଡଳୀ ସୁପାରିଶ କରିଥିଲା, ଯାହାକୁ ଲୋକଙ୍କ ଜୀବନ ଜୀବିକା ସହିତ ଯୋଡି କାର୍ଯ୍ୟକାରୀ କରିବାକୁ ଚାହିଁଲେନାହିଁ କୌଣସି ରାଜ୍ୟ ସରକାର । ବିଶେଷକରି ଭାରତର ସର୍ବାଧିକ ଶିକ୍ଷିତ ଓ ଶୃଙ୍ଖଳିତ ରାଜ୍ୟ ଭାବେ ପରିଚିତ କେରଳ ମଧ ସେହି ସୁପାରିଶକୁ ଗ୍ରହଣ କରିବା ପରିବର୍ତ୍ତେ ସାମିଲ ହୋଇଗଲା ବିକାଶର ଚିନ୍ତାଜନକ ଦୌଡରେ ।

ବର୍ଷାର ବିସ୍ତୃତ ବହନ କରିଚାଲିଥିବା କେରଳ ହେଉଛି ଏକ ଭୂସ୍ଖଳନ ପ୍ରବଣ ରାଜ୍ୟ, ଯେଉଁଠି ଅଧିକାଂଶ ଭୂଭାଗ ପାହାଡ ପର୍ବତ ପରିବେଷ୍ଟିତ । ଏଠାରେ ସମତଳ ଭୂମି ବୋଲି ଯାହାକୁ କୁହାଯାଏ, ତାହା ୨୦ଡିଗ୍ରୀ ପର୍ଯ୍ୟନ୍ତ ଗଡାଣିଆ ହୋଇଥିବାରୁ ବର୍ଷାର ତୀବ୍ରତା ବୃଦ୍ଧି ପାଇଲେ ବଢିଯାଏ ଭୂସ୍ଖଳନ ଆଶଙ୍କା । ଭାରତୀୟ ମହାକାଶ ଗବେଷଣା ସଂସ୍ଥା ଇସ୍ରୋ ପକ୍ଷରୁ ଜାରି ହୋଇଥିବା ସୂଚନା ଅନୁସାରେ ଦେଶର ଭୂସ୍ଖଳନ ପ୍ରବଣ ତିରିଶଟି ଜିଲ୍ଲା ମଧରୁ କେବଳ କେରଳରେ ରହିଛି ଦଶଟି । ଏହି ସୂଚୀରେ ତେର ନମ୍ବର ସ୍ଥାନରେ ରହିଛି ୱାୟନାଡ ଜିଲ୍ଲା । ପୂର୍ବରୁ ଏଠାରେ ଥିଲା ବିସ୍ତୃତ ଘଞ୍ଚ ଜଙ୍ଗଲ । ଆର୍ଥିକ ସ୍ଥିତି ସୁଦୃଢ କରିବା ଲକ୍ଷ୍ୟରେ ସରକାର ରବର ଚାଷ ଆଡକୁ ଢଳିବା ଫଳରେ ପ୍ରାକୃତିକ ଜଙ୍ଗଲ ଉପରେ ପଡିଲା ପାହାର । ସରକାରଙ୍କୁ ଘାରିଲା ଘଞ୍ଚ ଜଙ୍ଗଲ ସଫାକରି ଅଧିକରୁ ଅଧିକ ରବର ଚାଷ କରିବାର ନିଶା । ଏହାଦ୍ୱାରା ରାଜ୍ୟ ଆର୍ଥିକ ବିକାଶ ଘଟିଲା ସତ, କିନ୍ତୁ ରବର ଗଛର ଦୁର୍ବଳ ମୃତ୍ତିକା ସଂରକ୍ଷଣ ଶକ୍ତି ଯୋଗୁଁ ହୁଗୁଳା ହେଲା ମୃତ୍ତିକା ବନ୍ଧନ । ଭୂସ୍ଖଳନ ପ୍ରଭାବିତ ଏହି ସ୍ଥାନ ପର୍ଯ୍ୟଟନ କ୍ଷେତ୍ର ଭାବରେ ପରିଚିତ ହେଲେ ମଧ ଭୌଗୋଳିକ ଗଠନ ଦୃଷ୍ଟିରୁ ଏହା ପଶ୍ଚିମଘାଟର ସବୁଠାରୁ ସ୍ପର୍ଶକାତର ଅଞ୍ଚଳ । ମାତ୍ର ରାଜସ୍ୱ ଆୟ ବଢେଇବା ଲକ୍ଷ୍ୟରେ ସରକାର ଭୁଲିଗଲେ ତାର ଭୌଗୋଳିକ ସ୍ଥିତି । ଭିତ୍ତିଭୂମିର ବିକାଶ ଦିଗରେ ଧାନିତ ହେଲା ସରକାରଙ୍କ ଦୃଷ୍ଟି । ଆଉ ରହିଲାନି ନଦୀରୁ ବାଲି ଉଠାଣ, ଖଣି ଖନନ, ପୋଲ, ସଡକ ଓ ଗୃହ ନିର୍ମାଣ ଆଦି ଉପରେ କଟକଣା । କେଉଁଠି ବେଆଇନ ଭାବେ କୋଠା ଉପରେ କୋଠା ଗଢି ଉଠିଲା ତ କେଉଁଠି ହୋଟେଲ ଶିଳ୍ପର ବିକାଶ ପାଇଁ ନଦୀ ନାଳର ପ୍ରାକୃତିକ ପ୍ରବାହର ଗତିରୋଧ କରି ନିର୍ମାଣ ହେଲା ସଡକ । ନରମ ଭୂମି ଉପରେ ନିର୍ମାଣ ଭାରି ପଡିବା କାରଣରୁ ତାସ ଘର ପରି ଭୁଶୁଡି ପଡିଲା ଅହରହ ସଂଘର୍ଷ ଭିତରେ ଗଢି ଉଠିଥିବା ବିକାଶର ଭିତ୍ତିଭୂମି । କେବଳ କେରଳ ନୁହେଁ, ପୂର୍ବରୁ ଉତ୍ତରାଖଣ୍ଡ, ମହାରାଷ୍ଟ୍ର ଆଦି ରାଜ୍ୟରେ ମଧ ଭୂସ୍ଖଳନ ରଚିଛି ମୃତ୍ୟୁର ତାଣ୍ଡବ । ଭୂସ୍ଖଳନ ପରିପ୍ରେକ୍ଷୀରେ ଓଡ଼ିଶା କଥା ଭାବିଲେ ଛାତି ଥରେଇ ଦିଏ ୨୦୧୮ ଅକ୍ଟୋବର ତିତିଲି ବାତ୍ୟା ସମୟର ବିଭୀଷିକା । ସେଦିନ ଗଜପତି ଜିଲ୍ଲାର ସାମୁଦ୍ରିକ ଝଡ ଓ ଭୂସ୍ଖଳନ ଫଳରେ ଷାଠିଏରୁ ଅଧିକ ଲୋକ ପ୍ରାଣ ହରେଇବା ସହିତ ଧ୍ୱଂସ ପାଇ ଯାଇଥିଲା କୋଡ଼ିଏଟି ଗାଁ । ବିଶେଷଜ୍ଞଙ୍କ କହିବା ଅନୁସାରେ ଓଡିଶାର ମାଲକାନଗିରି, କଳାହାଣ୍ଡି, କୋରାପୁଟ, ଗଜପତି, ମୟୂରଭଞ୍ଜ ଓ କେନ୍ଦୁଝର ଆଦି ଜିଲ୍ଲା ଭୂସ୍ଖଳନ ପ୍ରବଣ । ଅଥଚ ସେସବୁ ଜିଲ୍ଲାରେ ବେଆଇନ ଭାବରେ ଚାଲିଛି ଗଛକଟା ଓ ଖଣି ଖନନ । କେହି ଭାବୁ ନାହାନ୍ତି ଖଣି ଖନନ ପରେ ମାଟିରେ ସୃଷ୍ଟି ହେଉଥିବା ଶୂନ୍ୟସ୍ଥାନ ପୂରଣ କଥା । ପ୍ରାକୃତିକ ଅବସ୍ଥିତି ଦୃଷ୍ଟିରୁ ଓଡିଶା ପ୍ରତି ଭୂସ୍ଖଳନ ଭୟ ନାହିଁ ବୋଲି ଅନେକ ଭାବନ୍ତି ସତ, ହେଲେ ବିପର୍ଯ୍ୟୟ ହଠାତ୍ ଆସେ ଓ ସବୁ ସଫା କରିଦିଏ କେଇ ମିନିଟ୍ ଭିତରେ ।



# ନିଷ୍କ୍ରିୟ ପ୍ରତିରୋଧ

## ମହାତ୍ମା ଗାନ୍ଧୀ

ନିଷ୍କ୍ରିୟ ପ୍ରତିରୋଧ ଏପରି ଗୋଟିଏ ଖଡ୍ଗ, ଯାହାର ଧାର ସବୁଆଡକୁ ରହିଛି । ଏହାକୁ ଯେକୌଣସି ପ୍ରକାରେ ବ୍ୟବହାର କରାଯାଇ ପାରିବ । ଯିଏ ସେହି ଖଡ୍ଗକୁ ବ୍ୟବହାର କରେ ଓ ଯାହା ବିରୋଧରେ ତାହା ବ୍ୟବହୃତ ହୁଏ, ଏହା ସେହି ଉଭୟ ପକ୍ଷର ହିଁ କଲ୍ୟାଣ ସାଧନ କରିଥାଏ । ଗୋଟିଏ ମାତ୍ର ବିନ୍ଦୁ ରକ୍ତପାତ ନ କରି ମଧ ଏହାଦ୍ୱାରା ସୁଦୂର ପ୍ରସାରୀ କେତେ କେତେ ଫଳ ମିଳେ । ସେହି ଖଡଗରେ କେବେହେଲେ କଳଙ୍କିଲାଗେ ନାହିଁ ଏବଂ ତାହାକୁ କେହି ଚୋରି କରି ନେଇପାରେ ନାହିଁ ।

ମୁଁ ସୁନିଶ୍ଚିତ ଭାବରେ କହିପାରିବି ଯେ, ନିଷ୍କ୍ରିୟ ପ୍ରତିରୋଧ ଦ୍ୱାରା ପଥରରୁ ଆହୁରି ପଥରର ହୃଦୟ ମଧ ବିଗଳିତ ହୋଇଯାଇ ପାରିବ । ଏହା ଏକ ସର୍ବଶ୍ରେଷ୍ଠ ଏବଂ ସବୁଠାରୁ ଅଧିକ ଫଳପ୍ରଦ ପ୍ରତିକାର । ଏହା ଏକ ବିଶୁଦ୍ଧତମ ପ୍ରକାରର ଅସ୍ତ୍ର । ଏହା ଆଦୌ ଜଣେ ଦୁର୍ବଳର ଅସ୍ତ୍ର ନୁହେଁ । ଶାରୀରିକ ପ୍ରତିରୋଧ ତୁଳନାରେ ନିଷ୍କ୍ରିୟ ପ୍ରତିରୋଧର କ୍ଷେତ୍ରରେ ଅନେକ ଅଧିକ ପରିମାଣର ସାହସ ରହିଥିବା ଦରକାର ।

ସେହି ସାହସ ଜଣେ ଯୀଶୁ, ଜଣେ ଡାନିଏଲ, ଜଣେ କ୍ରାମର୍, ଜଣେ ଲାଟିମର୍ ଓ ଜଣେ ରିଡଲେଙ୍କର ସାହସ, ଯେଉଁମାନେ କି ସ୍ଥିର ଭାବରେ କଷ୍ଟ ଏବଂ ମୃତ୍ୟୁକୁ ବରଣ କରି ନେଇଥିଲେ । ଜଣେ ଟଲଷ୍ଟୟଙ୍କର ସାହସ ଯିଏକି ରୁଷିଆର ଜାର୍‌ମାନଙ୍କର ଆଦେଶକୁ ମଧ ଅସ୍ୱୀକାର କରି ପାରିଥିଲେ ସେହି ସାହସ ବୃହତ୍ତମ ସାହସରୂପେ ପ୍ରତିଷ୍ଠିତ ହୋଇ ରହିଛି ।

ବସ୍ତୁତଃ, ଜଣେ ମାତ୍ର ପୂର୍ଣ୍ଣ ସମର୍ଥ ପ୍ରତିରୋଧକାରୀ ଅନ୍ୟାୟର ବିରୋଧରେ ନ୍ୟାୟର ଯୁଦ୍ଧକୁ ଜୟ କରିବା ଲାଗି ଅବଶ୍ୟ ଯଥେଷ୍ଟ ହୋଇଯିବ ।

ମୁଁ ଦାବିକରି କହିବି ଯେ, ନିଷ୍କ୍ରିୟ ପ୍ରତିରୋଧର ପ୍ରଣାଳୀ ହେଉଛି ସବୁଠାରୁ ଅଧିକ ସ୍ପଷ୍ଟ ଏବଂ ସବୁଠାରୁ ଅଧିକ ନିରାପଦ, କାରଣ, ଯଦି ଲକ୍ଷ୍ୟଟି ଉଚିତ ହୋଇ ନ ଥିବ, ତେବେ ତଦ୍ଦ୍ୱାରା ସେହି ପ୍ରତିରୋଧକାରୀମାନେ ଓ କେବଳ ସେହିମାନେ ହିଁ କଷ୍ଟ ଭୋଗ କରିବେ ।

ଯୀଶୁଖ୍ରୀଷ୍ଟ, ଡାନିଏଲ ଓ ସକ୍ରେଟିସ୍ ଏମାନେ ନିଷ୍କ୍ରିୟ ପ୍ରତିରୋଧ ଅର୍ଥାତ୍ ଆତ୍ମଶକ୍ତିର ବିଶୁଦ୍ଧତମ ପ୍ରକାରଟିର ପ୍ରତିନିଧିତ୍ୱ କରିଥିଲେ । ଏହି ଶିକ୍ଷାଦାତାମାନେ ସେମାନଙ୍କର ଆତ୍ମା ତୁଳନାରେ ସେମାନଙ୍କର ଶରୀରକୁ ମୂଲ୍ୟହୀନ ବୋଲି ମଣୁଥିଲେ ।

ଟଲଷ୍ଟୟ ଏହି ମାର୍ଗର ଉଜ୍ଜ୍ୱଳତମ ଆଧୁନିକ ପ୍ରବର୍ତ୍ତକରୂପେ ଏକ ଦୃଷ୍ଟାନ୍ତ ହୋଇ ରହିଛନ୍ତି । ସିଏ ଯେ ସେହି ମାର୍ଗଟିର ପ୍ରଚାର ଓ ବ୍ୟାଖ୍ୟା କରିଥିଲେ ତା' ନୁହେଁ ସେ ସେହି ଅନୁସାରେ ନିଜ ଜୀବନକୁ ମଧ ବଞ୍ଚୁଥିଲେ । ଇଉରୋପର ଚଳଣି ଭିତରକୁ ଆସିବାର ବହୁ ପୂର୍ବୁ ଭାରତବର୍ଷରେ ସମସ୍ତେ ସେହି ପ୍ରଣାଳୀଟିକୁ ବୁଝିଥିଲେ ଏବଂ ଅଭ୍ୟାସ ମଧ କରୁଥିଲେ ।

ଆତ୍ମାର ଶକ୍ତି ଯେ ଦେହର ଶକ୍ତିଠାରୁ ଅନନ୍ତ ଗୁଣରେ ଅଧିକ ଉଚ୍ଚ ସ୍ତରରେ ଏହି କଥାଟିକୁ ଅତି ସହଜରେ ଦେଖିହେବ । ଅନ୍ୟାୟର ପ୍ରତିକାର ନିମନ୍ତେ ଯଦି ଲୋକେ ସେହି ଆତ୍ମଶକ୍ତିର ପ୍ରୟୋଗ କରିପାରିବେ, ତେବେ ବର୍ତ୍ତମାନ ସମୟର ଅନେକ ଦୁଃଖ ଭୋଗକୁ ଏଡ଼ାଇ ଦିଆଯାଇ ପାରିବ । ସେ କଥା ଯାହା ହୋଇଥାଉ ପଛକେ, ଏହି ଶକ୍ତିଟିକୁ ପ୍ରୟୋଗ କରିବା ଦ୍ୱାରା ଅନ୍ୟମାନଙ୍କୁ କୌଣସି କଷ୍ଟ ଭୋଗ କରିବାକୁ ପଡେ ନାହିଁ । ଏପରିକି, ଯେଉଁଠାରେ ତାହାର ଅସଦ୍‌ବ୍ୟବହାର ହୁଏ, ସେଠାରେ ତାହା ସେହି ଅପବ୍ୟବହାର କରୁଥିବା ଲୋକମାନଙ୍କର ହିଁ କ୍ଷତି କରେ । ଯାହା ବିରୋଧରେ ତାହାର ପ୍ରୟୋଗ କରା ଯାଉଥାଏ, ସେମାନଙ୍କର କୌଣସି କ୍ଷତି ହୁଏ ନାହିଁ । ପୁଣ୍ୟ ସଦୃଶ ତାହା ସ୍ୱୟଂ ହିଁ ଆପଣାର ପୁରସ୍କାର ରୂପେ ପ୍ରାପ୍ତ ହୁଏ । ଏହି ପ୍ରକାରର ଶକ୍ତିକୁ ପ୍ରୟୋଗ କରିବାର କ୍ଷେତ୍ରରେ ବିଫଳତା ବୋଲି ଆଦୌ କିଛି ନ ଥାଏ ।

ବୁଦ୍ଧଦେବ ନିର୍ଭୟଭାବରେ ଯୁଦ୍ଧକୁ ନେଇ ଶତ୍ରୁର ଶିବିର ଭିତରେ ପ୍ରବିଷ୍ଟ କରାଇ ଦେଉଥିଲେ ଏବଂ ଏହିପରି ଭାବରେ ଏକ ଉଦ୍ଧତ ଯାଜକକୁଳକୁ ନତଜାନୁ କରାଇ ପାରିଥିଲେ । ଯୀଶୁଖ୍ରୀଷ୍ଟ ଜେରୁଜେଲମର ମନ୍ଦିର ଭିତରୁ ମୁଦ୍ରା ବିନିମୟକାରୀମାନଙ୍କୁ ବାହରକୁ ତଡ଼ି ଦେଇଥିଲେ ଏବଂ କପଟୀ ତଥା ପାଖଣ୍ଡୀମାନଙ୍କ ଉପରକୁ ସ୍ୱର୍ଗରାଜ୍ୟର ଅଭିଶାପଗୁଡିକୁ ଆନତ କରି ନେଇ ଆସିଥିଲେ । ଦୁହେଁଯାକ ଅତ୍ୟନ୍ତ ତୀବ୍ର ଭାବରେ ପ୍ରତ୍ୟକ୍ଷ କ୍ରିୟାନୁଷ୍ଠାନର ପକ୍ଷରେ ହିଁ ରହିଥିଲେ ।

ମାତ୍ର ବୁଧ ଏବଂ ଖ୍ରୀଷ୍ଟ ଗୋଟିଏ ପାଖରେ ଭର୍ତ୍ସନା କରୁଥିଲେ ମଧ ଆପଣାର ପ୍ରତ୍ୟେକ କାର୍ଯ୍ୟର ପଶ୍ଚାତରେ ଅତ୍ୟନ୍ତ ଅଭ୍ରାନ୍ତଭାବରେ କୋମଳତା ଏବଂ ପ୍ରେମର ହିଁ ପ୍ରଦର୍ଶନ କରୁଥିଲେ । ଆପଣାର ଶତ୍ରୁମାନଙ୍କ ବିରୋଧରେ ସେ ତର୍ଜନୀଟିଏ ମଧ କେବେହେଲେ ଉଠାଉ ନ ଥିଲେ ଏବଂ ସେମାନେ ଯେଉଁ ସତ୍ୟଟି ସକାଶେ ଜୀବନ ଧାରଣ କରି ରହିଥିଲେ, ସେଗୁଡିକୁ ଜଳାଞ୍ଜଳି ଦେବା ପରିବର୍ତ୍ତେ ଖୁସୀ ହୋଇ ଆପଣାକୁ ହିଁ ଉତ୍ସର୍ଗ କରି ଦେଉଥିଲେ ।

ଯାଜକ ଓ ପୁରୋହିତକୁଳର ମାନକୁ ଭାଙ୍ଗିଦେବା ସହିତ ଆପଣା ପ୍ରେମର ମହନୀୟତାକୁ ସମାନ ପରିମାଣରେ ଦର୍ଶାଇ ପାରି ନ ଥିଲେ ପୁରୋହିତକୁଳର ପ୍ରତିରୋଧ କରି ବୁଦ୍ଧଦେବଙ୍କୁ ଆପଣାର ଜୀବନ ଦେବାକୁ ପଡିଥାନ୍ତା । ଏକ ସମଗ୍ର ସାମ୍ରାଜ୍ୟର କର୍ତ୍ତୃତ୍ୱକୁ ଅସ୍ୱୀକାର କରି ଯୀଶୁଖ୍ରୀଷ୍ଟଙ୍କୁ ନିଜ ମୁଣ୍ଡରେ କଣ୍ଟାର ଟୋପି ପିନ୍ଧି କ୍ରୁସ୍ ଉପରେ ମରିବାକୁ ହୋଇଥିଲା । ବର୍ତ୍ତମାନ ଯେ ମୁଁ ଏକ ଅହିଂସାପୂର୍ଣ୍ଣ ପ୍ରଣାଳୀର ପ୍ରତିରୋଧମାନ ଛିଡ଼ା କରାଉଛି, ମୁଁ ତଦ୍ଦ୍ୱାରା ଅତ୍ୟନ୍ତ ବିନୀତଭାବରେ ସେହି ମହାନ୍ ଶିକ୍ଷାଦାତାମାନଙ୍କର ହିଁ ପଦାଙ୍କ ଅନୁସରଣ କରୁଛି ।

# କଳାଲୁଣର ଗୁଣ

ପ୍ରତ୍ୟେକଙ୍କ ରୋଷେଇଘରେ କଳାଲୁଣ ସହଜରେ ମିଳିଯାଏ । ଆୟୁର୍ବେଦ ଶାସ୍ତ୍ର ଅନୁସାରେ, ଧଳା ଲୁଣ ଅପେକ୍ଷା କଳାଲୁଣ ଶରୀର ପାଇଁ ଅଧିକ ଲାଭଦାୟକ । ଏଥିରେ ୮୦ପ୍ରକାର ମିନେରାଲ୍ସ ଥିବା ବେଳେ ଏହାର ସେବନ ଦ୍ୱାରା କୋଲେଷ୍ଟେରଲ, ମଧୁମେହ, ଉଚ୍ଚ ରକ୍ତଚାପ, ଅବସାଦ ଏବଂ ପେଟର ସମସ୍ତ ରୋଗରୁ ମୁକ୍ତି ମିଳିପାରେ । ସକାଳୁ ପାଣିରେ କଳାଲୁଣ ମିଶାଇ ପିଇଲେ ସ୍ୱାସ୍ଥ୍ୟ ପ୍ରତି ଯଥେଷ୍ଟ ଉପକାର ମିଳିପାରିବ ।


ଏହା ରକ୍ତଶର୍କରା ସ୍ତର ନିୟନ୍ତ୍ରଣ କରିଥାଏ । ଶିଶୁଙ୍କ ଖାଦ୍ୟରେ ମଧ ସାମାନ୍ୟ କଳାଲୁଣ ମିଶାଇଲେ ସେମାନଙ୍କ ପେଟ ଭଲ ରହେ ଏବଂ କଫ ଆଦିରୁ ସୁରକ୍ଷା ମିଳେ ।

କଳାଲୁଣରେ ଥିବା ମିନେରାଲ୍ ସ୍ନାୟୁତନ୍ତ୍ର ପାଇଁ ବି ଉପକାରୀ । ଏହା କର୍ଟିସୋଲ ଏବଂ ଆଡ୍ରେନାଲିନ୍ ନାମକ ଷ୍ଟ୍ରେସ୍ ହରମୋନ୍‌କୁ କମାଇପାରେ । ତେଣୁ ରାତିରେ ଭଲ ନିଦ ହୁଏ ।

ଏଥିରେ ଥିବା ମିନେରାଲନ୍ସ ଜୀବାଣୁ ପ୍ରତିରୋଧ କରେ । ତେଣୁ ହଜମକ୍ରିୟା ସୁସ୍ଥ ରଖିବା ସହିତ ମେଦବହୁଳତାରୁ ସୁରକ୍ଷା ଦିଏ ।

ମାଂସପେଶୀ ଏବଂ ଗଣ୍ଠି ଯନ୍ତ୍ରଣାରୁ ମଧ ଏହା ସୁରକ୍ଷା ଦିଏ । ଏକ କପଡ଼ାରେ ୧କପ୍ କଳାଲୁଣ ବାନ୍ଧି ପୁଟୁଳି କରିବା ପରେ ଚୁଲାରେ ଗରମ କରି ସେଥିରେ ଏହି ପୁଟୁଳି ଲଗାଇ ଆରାଦିନ ଉଷୁମ କରି ଗଣ୍ଠିରେ ସେକ ଦିଅନ୍ତୁ । ଦିନକୁ ଦୁଇଥର ସେକ ଦେବା ଉପକାରୀ ହୋଇଥାଏ ।

କଳାଲୁଣ ଖାଇବା ଦ୍ୱାରା ଛାତି ଜଳାପୋଡ଼ା, ଏସିଡିଟି ହୋଇନଥାଏ । ଏହାକୁ ଖାଇଲେ ରକ୍ତ ପତଳା ହୋଇ ଠିକ୍ ଭାବେ ସଞ୍ଚାଳନ ହୋଇଥାଏ । କୋଲେଷ୍ଟେରଲ ଓ ରକ୍ତଚାପ ଠିକ୍ ରହେ ।



# ସଦା ଗତିଶୀଳ... ତୃତୀୟ ପୃଷ୍ଠାର ଅବଶିଷ୍ଟାଂଶ

ଐତରେୟ ବ୍ରାହ୍ମଣର ଏକ ଗୀତରେ ଗତିଶୀଳ ଜୀବନର ସମଗ୍ର ଜ୍ଞାନ-ବିଜ୍ଞାନ ଏବଂ ମର୍ମକୁ ଭଲଭାବେ ବ୍ୟକ୍ତ କରାଯାଇଛି । ଏହି ଗୀତରେ ଭଗବାନ ଇନ୍ଦ୍ର ହରିଶ୍ଚନ୍ଦ୍ରଙ୍କ ପୁତ୍ର ରୋହିତଙ୍କୁ ସକ୍ରିୟ ଜୀବନ ବ୍ୟତୀତ କରିବାର ଉପଦେଶ ଏହିପରି ଦେଇଛନ୍ତି –

'ରୋହିତ ! ଯିଏ ପ୍ରବଳ ଶ୍ରମ କରେ ନାହିଁ, ଏପରି ପୁରୁଷକୁ ଶ୍ରୀ ପ୍ରାପ୍ତ ହୁଏନାହିଁ । ବସି ରହିଥିବା ଲୋକକୁ ପାପ ଚାପିଧରେ । ଇନ୍ଦ୍ର ତାହାର ହିଁ ମିତ୍ର, ଯିଏ ନିରନ୍ତର ଚାଲିଥାଏ, ଅର୍ଥାତ୍ ଗତିଶୀଳ ରହେ । ତେଣୁ ସଦା ଚାଲୁଥାଅ, ଚାଲୁଥାଅ ।''

'ଯେଉଁ ପୁରୁଷ ଚାଲେ, ତା'ର ଆଖିରେ ଫୁଲ ଫୁଟେ । ତା'ର ଆତ୍ମା ଭୂଷିତ ହୋଇ ଫଳ ପ୍ରାପ୍ତ କରେ । ଚାଲୁଥିବା ଲୋକର ପାପ ଥକି ଶୋଇଯାଏ । ତେଣୁ ସଦା ଚାଲୁଥାଅ, 'ବସି ରହୁଥିବା ଲୋକର ସୌଭାଗ୍ୟ ମଧ ବସି ରହେ । ଠିଆ ହୋଇଥିବା ଲୋକର ସୌଭାଗ୍ୟ ଚାଲିବାରେ ଲାଗେ, ତେଣୁ ଚାଲୁଥାଅ, ଚାଲୁଥାଅ ।''

'ଶୋଇଥିବାର ନାମ କଳି । ଆଳସ୍ୟ ଛାଡ଼ି ଉଠୁଥିବାର ନାମ ଦ୍ୱାପର । ଉଠି ଠିଆ ହେଉଥିବାର ନାମ ତ୍ରେତା ଏବଂ ଚାଲୁଥିବାର ନାମ ସତ୍ୟଯୁଗ ବୋଲି ଜାଣ । ତେଣୁ ଚାଲୁଥାଅ, ଚାଲୁଥାଅ ।'

'ଚାଲୁଥିବା ଲୋକ ହିଁ ମଧୁ ପ୍ରାପ୍ତ କରେ । ଚାଲୁଥିବା ଲୋକ ହିଁ ସୁସ୍ୱାଦୁ ଫଳ ଚାଖେ । ସୂର୍ଯ୍ୟଙ୍କ ପରିଶ୍ରମ ଦେଖନ୍ତୁ, ସେ ସବୁବେଳେ ଚାଲୁଥାନ୍ତି, କେବେ ଆଳସ୍ୟ କରନ୍ତି ନାହିଁ । ସେହିପରି ତୁମେ ବି ଚାଲୁଥାଅ ।

# ସର୍ବେଦ

**ଜ୍ଞାନ କେ ମଧ୍ୟେ ଜ୍ଞାନ ହୈଁ, ବୃକ୍ଷ କେ ମଧ୍ୟେ ବୃକ୍ଷ ।**
**ଜ୍ଞେୟ ସ୍ୱରୂପ ଜ୍ଞାତା ବନେ, ଜ୍ଞାନ ଅଗମ ହୈ ସୁଝ ।।୩୮।।**

ଭାଷ୍ୟ - ବ୍ରହ୍ମବିଦ୍ୟା ଅତ୍ୟନ୍ତ ସୂକ୍ଷ୍ମ ବସ୍ତୁ ଅଟେ । ତାହା ସମସ୍ତ ଜ୍ଞାନମାନଙ୍କ ଠାରୁ ସୂକ୍ଷ୍ମ ଅଟେ ଏବଂ ସବୁଠାରୁ ସୂକ୍ଷ୍ମ ଜ୍ଞାନ ବ୍ରହ୍ମଜ୍ଞାନ ଅଟେ । ସେହି ଦୃଶ୍ୟ ସବୁ ଦୃଷ୍ଟିରୁ ଅତ୍ୟନ୍ତ ଅନ୍ତର୍ନିହିତ ଦୃଶ୍ୟ ଅଟେ । ତାହା ଆତ୍ମଜ୍ଞାନ ଅଟେ, ଯେଉଁ ଜ୍ଞାନରେ ଜ୍ଞାତା, ଜ୍ଞେୟସ୍ୱରୂପକୁ ପ୍ରାପ୍ତ ହୋଇଯାଏ । ଏହା ବ୍ରହ୍ମବିଦ୍ୟାର ମହତ୍ତ୍ୱ ଅଟେ ।


**ଧ୍ୟେୟ ଧ୍ୟାନ ଧ୍ୟାତା ବନେ, ସନ୍ଧି ସୁଗମ ଗମ ଜ୍ଞାନ ।**
**ବ୍ରହ୍ମୱିଦ୍ୟା ପର ଦ୍ୟୁତି ମେଁ, ମିଲେ ଭକ୍ତି ନିରୱାନ ।।୩୯।।**

ଭାଷ୍ୟ - ବ୍ରହ୍ମବିଦ୍ୟା ସହଜ ଯୋଗମାର୍ଗ ଦ୍ୱାରା ଧ୍ୟାତାର ଆତ୍ମା ଧ୍ୟାନ କରି କରି ଧ୍ୟେୟ ସ୍ୱରୂପକୁ ପ୍ରାପ୍ତ ହୋଇଯାଏ । ବ୍ରହ୍ମବିଦ୍ୟାର ପରମ ପ୍ରକାଶରେ ଭକ୍ତି ଦ୍ୱାରା ପରମ ନିର୍ବାଣ ପ୍ରାପ୍ତି ହୋଇଥାଏ । ଭକ୍ତି ସହଜ ଯୋଗମାର୍ଗକୁ କୁହାଯାଏ, ଯେଉଁଠାରେ ଅନାତ୍ମ ଜଡ଼ ଜଗତ ସହିତ ଆତ୍ମାର କୌଣସି ପ୍ରକାର ସମ୍ବନ୍ଧ ନ ଥାଏ ।

**ଦର୍ଶନ ଦ୍ରଷ୍ଟା ଦୃଶ୍ୟ ମେଁ, ବ୍ରହ୍ମୱିଦ୍ୟା ହୈ ଭାତି ।**
**ଗୁପ୍ତ ପ୍ରକଟ ସବ ସନ୍ଧି ମେଁ, ଜ୍ୟୋଁ ଜସ ତାହି ୱିଭାତି ।।୪୦।।**

ଭାଷ୍ୟ - ବ୍ରହ୍ମବିଦ୍ୟାର ପ୍ରକାଶରେ ଦ୍ରଷ୍ଟା, ଦର୍ଶନ ଓ ଦୃଶ୍ୟ ତଥା ଗୁପ୍ତ ଓ ପ୍ରକଟ ଏବଂ ସମ୍ବନ୍ଧମାନଙ୍କର ସମସ୍ତ ତତ୍ତ୍ୱ ଶୁଦ୍ଧସ୍ୱରୂପରେ ଯେମିତି ଅଛନ୍ତି ସେମିତି ପ୍ରତ୍ୟକ୍ଷ ହୋଇ ଯାଆନ୍ତି ।

**ଭୌତିକ ସର୍ୱ ପ୍ରକାଶ ମେଁ, ଭୌତିକ ତତ୍ତ୍ୱ ନ ଦେଖ ।**




**ବ୍ରହ୍ମୱିଦ୍ୟା ପରକାଶ ମେଁ, ଅନୁଭଓ ଗତି ଗମ ପେଖି ।।୪୧।।**

ଭାଷ୍ୟ - ସମସ୍ତ ମାୟିକ ପଦାର୍ଥ ଭୌତିକ ପ୍ରକାଶରେ ଦୃଶ୍ୟମାନ ହୋଇଥାନ୍ତି । ସେହି ପ୍ରକାର ବ୍ରହ୍ମବିଦ୍ୟାର ପ୍ରକାଶରେ ଚେତନ ଅନୁଭବ ଗତି ଦ୍ୱାରା ଗମନ କରି ଅଧ୍ୟାତ୍ମ ବିଦ୍ୟାର ସମସ୍ତ ପଦାର୍ଥ ପ୍ରତ୍ୟକ୍ଷ ଦୃଷ୍ଟିଗୋଚର ହୋଇଥାନ୍ତି ।

**ବ୍ରହ୍ମୱିଦ୍ୟା ଉର ଆୱତେ, କଞ୍ଜ ପ୍ରଫୁଲ୍ଲିତ ଗାତ ।**
**କମଲ ଚକ୍ର ସବ ଖୀଲତେ, ଜ୍ଞାନ ଉଦୟ ପରଭାତ ।।୪୨।।**

ଭାଷ୍ୟ - ବ୍ରହ୍ମବିଦ୍ୟାର ପ୍ରାରମ୍ଭରେ ଜ୍ଞାନ ପ୍ରକଟ ହୋଇ ହୃଦୟରେ ଆସିବାରୁ ସମଗ୍ର ଶରୀର ବିକଶିତ ହୋଇ ପ୍ରକମ୍ପିତ ହେବାରେ ଲାଗେ ଆଉ ଶରୀରର ସମସ୍ତ ଚକ୍ର ପ୍ରସ୍ଫୁଟିତ ହୋଇ ଯାଆନ୍ତି । ବିହଙ୍ଗମ ଯୋଗର ପ୍ରାରମ୍ଭିକ ଅବସ୍ଥାରେ ଏହି କ୍ରିୟା ହୋଇଥାଏ ।

**ବ୍ରହ୍ମୱିଦ୍ୟା ଘଟ ସଂଚରେ, ଜଗୀ ପୁରାତନ ପ୍ରୀତି ।**
**ନିର୍ମଲ ପ୍ରେମ ପ୍ରୱାହ ମେଁ, ବନୀ ସନାତନ ନୀତି ।।୪୩।।**

ଭାଷ୍ୟ - ବ୍ରହ୍ମବିଦ୍ୟା ଶରୀରରେ ପ୍ରକଟ ହେବା ପରେ ଆତ୍ମାର ଅନାଦି କାଳର ଚେତନ ଭକ୍ତି ଜାଗି ଉଠେ ଆଉ ତାହାରି ପବିତ୍ର ପ୍ରେମର ପ୍ରବାହରେ ଚେତନ ଆତ୍ମାର ଚେତନ ଆନନ୍ଦର ବ୍ୟବହାର ଦେଖିବାକୁ ମିଳେ ।

**ବ୍ରହ୍ମୱିଦ୍ୟା କେ ଭାସ ମେଁ, ବଗ ସେ ହୋୟ ମରାଲ ।**
**ନୀର କ୍ଷୀର ନିରୱାର ତେ, ମୋତୀ ଚୁଁଗି ଚୁଁଗି ଗାଲ ।।୪୪।।**

ଭାଷ୍ୟ - ବ୍ରହ୍ମବିଦ୍ୟାର ପ୍ରକାଶରେ ବକରୂପୀ ଆତ୍ମା ହଂସ ହୋଇଯାଏ ଆଉ ଜଡ଼ ଚେତନ ସମ୍ବନ୍ଧ ଓ ଯୋଗର ଜ୍ଞାନ ପ୍ରାପ୍ତକରି, କ୍ଷୀରରୁ ନୀରକୁ ଅଲଗା କରି ଶବ୍ଦାମୃତ ରୂପୀ ମୋତିର ବିନ୍ଦୁକୁ ଆସ୍ୱାଦନ କରିବାରେ ଲାଗେ ।

**ଜ୍ଞାନ ଅଗ୍ନି ପରଚଣ୍ଡ ମେଁ, ଦଗ୍ଧ ଶୁଭାଶୁଭ କର୍ମ ।**
**ଆଶ ୱାସନା ଜରି ଗଈ, ବ୍ରହ୍ମଜ୍ଞାନ ୟହ ଧର୍ମ ।।୪୫।।**

ଭାଷ୍ୟ - ପ୍ରଦୀପ୍ତ ଯୋଗର ଅଗ୍ନିରେ ସମସ୍ତ ଶୁଭାଶୁଭ କର୍ମ ଦଗ୍ଧ ହୋଇ ଯାଆନ୍ତି । ସେଥିପାଇଁ ଆତ୍ମାର ପ୍ରାକୃତିକ ସମସ୍ତ ସଂସ୍କାର, ଆଶା ଏବଂ ବାସନା ନଷ୍ଟ ହୋଇ ଯାଆନ୍ତି । ଏହା ବ୍ରହ୍ମବିଦ୍ୟା ଯୋଗର ମହତ୍ତ୍ୱ ଅଟେ ।

**ବ୍ରହ୍ମ ସେ ୟହ ଉତପନ୍ନ ହୈ, ବ୍ରହ୍ମଜା ୟାକର ନାମ ।**
**ଭକ୍ତି ମୁକ୍ତି ସୁଖଦାୟନୀ, ପ୍ରଭୁ ପ୍ରିୟ ଅୱିଚଲ କାମ ।।୪୬।।**

ଭାଷ୍ୟ - ବ୍ରହ୍ମବିଦ୍ୟା ବ୍ରହ୍ମରୁ ପ୍ରକଟ ହୋଇଛି, ସେଥିପାଇଁ ଏହାର ନାମ ବ୍ରହ୍ମଜା ଅଟେ । ଏହା ଭକ୍ତି, ମୁକ୍ତି ଆଉ ସୁଖ ପ୍ରଦାନକାରୀ ଏବଂ ଆତ୍ମାନୁକୂଳ ପ୍ରଭୁଙ୍କ ଦ୍ୱାରା ସମସ୍ତ କର୍ମକୁ ପୂରଣ କରିଥାଏ ।

**ଅଜ ଶ୍ରୀ ସଦ୍‌ଗୁରୁ ଦେୱ ଜୀ, ସସୁକୃତ ଜେହି ନାମ ।**
**ବ୍ରହ୍ମୱିଦ୍ୟା ଗୁରୁ ଆଦି ହୈଁ, ଚାରୋଁ ଯୁଗ ତିନ କାମ ।।୪୭।।**

ଭାଷ୍ୟ - ବ୍ରହ୍ମବିଦ୍ୟାର ଆଦିଗୁରୁ ଶ୍ରୀ ସଦ୍‌ଗୁରୁଦେବ ଜୀ ଅଟନ୍ତି, ଯାହାର ନାମ ସତ୍ ସୁକୃତ ଜୀ ଅଟେ । ସେ ଚାରି ଯୁଗରେ ପ୍ରକଟିତ ହୋଇ ବ୍ରହ୍ମବିଦ୍ୟାର ବାର୍ତ୍ତା ଜଗତର ଜୀବମାନଙ୍କୁ ପ୍ରଦାନ କରୁଛନ୍ତି । ସେ ହିଁ ବ୍ରହ୍ମବିଦ୍ୟାର ଆଦି ଆଚାର୍ଯ୍ୟ ସନ୍ତମତ ପ୍ରବର୍ତ୍ତକ ଅଟନ୍ତି ।

**ସନ୍ତ ଜ୍ୟୋତି ଅଜ ଅତ୍ରିୟ, ଜ୍ଞାନୀ ସୁକୃତ ଦେୱ ।**
**ହିରଣ୍ୟଗର୍ଭ କହ ତାହି କୋ, ଋଷି ମୁନି ଜାକୋ ସେୱ ।।୪୮।।**

ଭାଷ୍ୟ - ସେହି ଆଦି ଗୁରୁଙ୍କୁ ସନ୍ତ, ଜ୍ୟୋତି, ଅଜ, ଅତ୍ରି, ଜ୍ଞାନି, ସୁକୃତ ଆଉ ହିରଣ୍ୟଗର୍ଭ କହନ୍ତି । ମନ୍ତ୍ରଦ୍ରଷ୍ଟା ଋଷି ତଥା ମୁନିଗଣ ନିଜର କଲ୍ୟାଣ ନିମନ୍ତେ ତାଙ୍କୁ ହିଁ ଭକ୍ତି କରିଥାନ୍ତି ।

**ବ୍ରହ୍ମୱିଦ୍ୟା ପରଧାନ ହୈ, ଆତମ ୱେଦନ ଗାତ ।**
**ଜୀୱନ ଜ୍ଞାନୀ ଭକ୍ତ କେ, ନମୋ ନମୋ ମମ ମାତ ।।୪୯।।**

ଭାଷ୍ୟ - ବେଦର ଆତ୍ମା ପ୍ରଧାନ ବ୍ରହ୍ମବିଦ୍ୟା ଅଟେ । ସେହି ବ୍ରହ୍ମବିଦ୍ୟାରୁ ଜୀବନ ପ୍ରାପ୍ତ କରୁଥିବା ଜ୍ଞାନୀ ଭକ୍ତଗଣଙ୍କୁ ମୁଁ ନମସ୍କାର କରୁଛି । ନାମସ୍କାର !

**ୱନ୍ଦୌଁ ମେଁ ୱହ ପରମ ଗୁରୁ, ଜିନ ୟହ ଜ୍ଞାନ ପସାର ।**
**ଦେୱ ସଦାଫଲ ଆଦି ମେଁ, ଜିନ ୟହ ଶବ୍ଦ ଉଚାର ।।୫୦।।**

ଭାଷ୍ୟ - ସେହି ନିତ୍ୟ ଅନାଦି ସଦ୍‌ଗୁରୁ ସୁକୃତଦେବଙ୍କର ମୁଁ ବନ୍ଦନା କରୁଛି ଯିଏ ସୃଷ୍ଟିର ପ୍ରାରମ୍ଭ କାଳରେ ଏହି ଜ୍ଞାନର ପ୍ରଚାର କଲେ । ପ୍ରଥମ ସଦ୍‌ଗୁରୁଦେବ ଦ୍ୱାରା ହିଁ ବ୍ରହ୍ମବିଦ୍ୟାର ପ୍ରଚାର ପ୍ରାରମ୍ଭ ହୋଇଛି । ବ୍ରହ୍ମବିଦ୍ୟାର ପ୍ରଥମ ଆଦି ଗୁରୁ ନିତ୍ୟ ଅନାଦି ସଦ୍‌ଗୁରୁ ସୁକୃତଦେବ ଅଟନ୍ତି । ପ୍ରଥମ ବ୍ରହ୍ମବିଦ୍ୟା - ଏହି ଶବ୍ଦ ତାଙ୍କ ମୁଖରୁ ନିସୃତ ହୋଇଛି । ସୁତରାଂ ବ୍ରହ୍ମଜାର ଆଦି ପ୍ରଚାରକ ସଦ୍‌ଗୁରୁଦେବ ଅଟନ୍ତି ।

# କେତେ ଉପକାରୀ ବାସି ରୁଟି

**ବା**ସି ରୁଟି ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ ବୋଲି କୁହାଯାଏ । ଏଥିପାଇଁ ଆମେ ରାତିର ବାସି ରୁଟିକୁ ସକାଳେ ଡଷ୍ଟବିନରେ ଫିଙ୍ଗିଥାଉ । କିନ୍ତୁ ଏହା ଆମ ସ୍ୱାସ୍ଥ୍ୟ ପାଇଁ ବହୁତ ଉପକାରୀ ଭାବେ କାମ କରିଥାଏ ।



ଡାଇବେଟିସ୍ ରୋଗୀଙ୍କ ପାଇଁ ବାସି ରୁଟି ବହୁତ ଉପକାରୀ । ଯଦି ଆପଣଙ୍କୁ ଡାଇବେଟିସ୍ ଅଛି ତେବେ ସକାଳେ ବାସି ରୁଟିକୁ କ୍ଷୀର ସହ ଖାଆନ୍ତୁ । ଏହା ଶରୀରରେ ଶର୍କରା ସ୍ତରକୁ ସନ୍ତୁଳିତ ରଖିଥାଏ ।

ଯଦି ଆପଣଙ୍କର ବ୍ଲଡ ପ୍ରେସର ଅଛି ତେବେ କ୍ଷୀର ସହ ବାସି ରୁଟି ଖାଆନ୍ତୁ । ଏହା ରକ୍ତଚାପକୁ ସନ୍ତୁଳିତ ରଖିଥାଏ ।

ପେଟ ସମସ୍ୟା ଏବଂ ଏସିଡିଟିରୁ ରକ୍ଷା ପାଇବା ପାଇଁ ସକାଳେ କ୍ଷୀର ସହ ବାସି ରୁଟି ବେଶ୍ ସ୍ୱାସ୍ଥ୍ୟପ୍ରଦ ।

ବିଭିନ୍ନ ଫିଟନେସ ସେଣ୍ଟର ଏବଂ ଜିମରେ ଏକ୍ସରସାଇଜ୍ ବେଳେ ସକାଳେ ବାସି ରୁଟି ଖାଇବାକୁ ପରାମର୍ଶ ଦିଆଯାଇଥାଏ ।

ସଜ ରୁଟି ତୁଳନାରେ ବାସି ରୁଟି ବେଶ୍ ଲାଭପ୍ରଦ । କାରଣ ବାସି ରୁଟି ଅଧିକ ସମୟ ପର୍ଯ୍ୟନ୍ତ ରହିବା ଦ୍ୱାରା ଏଥିରେ ସୃଷ୍ଟି ହେଉଥିବା ବ୍ୟାକ୍ଟେରିଆ ସ୍ୱାସ୍ଥ୍ୟ ପାଇଁ ବେଶ୍ ଉପକାରୀ ।

## ଟିକିଏ ହସନ୍ତୁ

ଥରେ ଜଣେ ଭିକାରି ରାମବାବୁଙ୍କ ଘର ସାମ୍ନାରେ ବସି ରୁଟି ଖାଉଥିଲା । ଏହା ରାମବାବୁ ଦେଖି ଭିକାରିଟି ଉପରକୁ ଦୟା ଆସିଲା । ରାମବାବୁ ଭିକାରିକୁ କହିଲେ : ଦେ ତୋ ରୁଟି ମୁଁ ଘରୁ ଗରମ କରି ଆଣି ଦେଉଛି ।

ଭିକାରି : ବାବୁ, କାଲି ଆପଣଙ୍କ ଘରକୁ ତରକାରି ଦେଇଥିଲି ଏ ପର୍ଯ୍ୟନ୍ତ ମୋତେ ଫେରାଇଲେ ନାହିଁ । ଆଜି ପୁଣି କେଉଁ ଭରସାରେ ଆପଣଙ୍କୁ ରୁଟି ଦେବି !

× × × ×

ରାଜୁ : ଆଜି ସକାଳେ ମୋ ସାମ୍ନାରେ ଗୋଟିଏ ବିଲେଇ ଯାଇ ମୋ ରାସ୍ତା କାଟିଦେଲା ।

ବିଜୁ : ପୁଣି କ'ଣ ହେଲା ?

ରାଜୁ : ପୁଣି କ'ଣ ହେବ ! କିଛି ବାଟ ରାସ୍ତାରେ ଯାଇଛି କି ନାହିଁ, ତା'ର ଆକ୍ସିଡେଣ୍ଟ ହୋଇଗଲା ।

ମୋ ସାଙ୍ଗରେ ସେ ପଙ୍ଗା ନେଇଥିଲା ନା !

× × × ×

ରିଙ୍କୁ ଆଜି ଏତେ ଥଣ୍ଡା କାହିଁକି ଲାଗୁଛି ?

ପିଙ୍କୁ : ସୂର୍ଯ୍ୟ ଆଜି ବାହାରିନି ନା



ରିଙ୍କୁ କାହିଁକି ବାହାରିନି ?

ପିଙ୍କୁ : ତା,ମମି ତାକୁ ବାହାରକୁ ଯିବାକୁ ଦେଇ ନ ଥିବେ, କହିଥିବେ ଯେ ଥଣ୍ଡାରେ କୁଆଡେ ଯିବୁ, ପଡି ରହ ବେଡ୍ ଉପରେ,ଫାଲ୍‌ତୁରେ ଯାଇ ବାହାରେ ବୁଲି ଦେହ ଖରାପ ହେବ ।

× × × × ×

ରାଘବ ଚା' ଦୋକାନକୁ ଯାଇ କହିଲା ଭାଇ, କପେ ଚା' ଦିଅ ।

ଦୋକାନୀ : ଭାଇ, ଚା' ଦେଇ ହେବନି ।

ରାଘବ : କାହିଁ ?

ଦୋକାନୀ : କ୍ଷୀର ଫାଟିଯାଇଛି ।

ରାଘବ ଫାଟିଯାଇଥିବା ସେହି କ୍ଷୀରକୁ ଧରି ଟେଲର ଦୋକାନକୁ ଯାଇ କହିଲା- ଭାଇ କ୍ଷୀର ଫାଟିଯାଇଛି, ତାକୁ ଟିକେ ସିଲେଇ କରିଦିଅ ।

× × × ×

ରାଜୁ ବୋତଲରେ କିଛି ଆଣି ବିଜୁକୁ ଦେଇ କହିଲା : ଭାଇ, ଟିକେ ଚାଖି କହିଲ କେମିତି ଲାଗୁଛି ?

ବିଜୁ : ଟିକେ ଲୁଣିଆ ଲାଗୁଛି ।

ରାଜୁ ପୁଣି ଅଜୁକୁ ସେ ବୋତଲରେ ଥିବା ପାଣିକୁ ଦେଇ କହିଲା : ଭାଇ ଚାଖିଲୁ, ଏଥିରେ ଥିବା ଜିନିଷଟି କେମିତି ଲାଗୁଛି ଲୁଣିଆ ନା ମିଠା ?

ଅଜୁ : ଲୁଣିଆ ଲାଗୁଛି ।

ତା'ପରେ ସେହି ପାଣି ଅର୍ଥାତ୍ ପରିସ୍ରାକୁ ନେଇ ରାଜୁ ଡାକ୍ତରଙ୍କ ନିକଟକୁ ଯାଇ କହିଲା, 'ଡାକ୍ତରବାବୁ', ଆପଣ କହିଥିଲେ ଜଣଙ୍କ ପାଖରୁ ପରିସ୍ରା ଟେଷ୍ଟ କରି ଆଣିବା ପାଇଁ । ହେଲେ ମୁଁ ଦୁଇ ଜଣଙ୍କ ପାଖରୁ ଏହାକୁ ଟେଷ୍ଟ କରିଆଣିଛି । ସେମାନେ କହିଲେ ପୂରା ଲୁଣିଆ ବୋଲି । ଏବେ ଏଥିରେ ସୁଗାର ଅଛି କି ନାହିଁ ତାହା କେବଳ ଆପଣ ପରୀକ୍ଷା କରନ୍ତୁ ।

# କ୍ୟାନସର ଦୂର କରିବ ହଳଦୀ

ହଳଦୀର ବହୁ ଔଷଧୀୟ ଗୁଣ ରହିଛି । କ୍ୟାନସର ଭଳି ମାରାତ୍ମକ ରୋଗର ଚିକିତ୍ସା ନିତ୍ୟ ବ୍ୟବହାର୍ଯ୍ୟ ହଳଦୀ ଦ୍ୱାରା ଏବେ ସମ୍ଭବ ହୋଇପାରିବ । ଆଧୁନିକ ଜ୍ଞାନକୌଶଳ ଦ୍ୱାରା କ୍ୟାନସର ଚିକିତ୍ସା କ୍ଷେତ୍ରରେ ବହୁ ଅଗ୍ରଗତି



ହୋଇଛି । ତେବେ ମଧ ଘରୋଇ ଜ୍ଞାନକୌଶଳ ତଥା ଦେଶୀ ଚିକିତ୍ସା ଦ୍ୱାରା ମଧ କ୍ୟାନସର ସେଲକୁ ନଷ୍ଟ କରାଯାଇ ପାରୁଛି । ହଳଦୀ ବ୍ୟବହାର ଦ୍ୱାରା ଏଭଳି ଜ୍ଞାନକୌଶଳ ବିକଶିତ କରିପାରିଥିବା କେରଳର ଥିରୁଭାନନ୍ତପୁରମସ୍ଥ ଶ୍ରୀ ଚିତ୍ରା ତିରୁଲାଲ ଇନଷ୍ଟିଚ୍ୟୁଟ ମେଡିକାଲ ସାଇନ୍ସେସକୁ ଆମେରିକାର ପେଟେଣ୍ଟ ମିଳିଛି । କ୍ୟାନସର ପ୍ରଭାବିତ ସ୍ଥାନରେ ହଳଦୀର ବ୍ୟବହାର ଦ୍ୱାରା ବେଶ୍ ସୁଫଳ ମିଳିପାରିଥିବା ଶ୍ରୀ ଚିତ୍ରା ତିରୁନାଲ ଇନଷ୍ଟିଚ୍ୟୁଟ୍ ମେଡିକାଲ ସାଇନ୍ସେସର ମୁଖ୍ୟ ଲିସୀ କ୍ରିଷ୍ଣନ୍ ସୂଚନା ଦେଇଛନ୍ତି । ହଳଦୀରେ ଥିବା ଆଣ୍ଟି କ୍ୟାନସର ଗୁଣ ଯୋଗୁଁ ଏହା ସମ୍ଭବ ହୋଇପାରିଥାଏ । ଏହା ସହଜରେ ରକ୍ତରେ ଅବଶୋଷିତ ହେବା ସହିତ ରକ୍ତ ଜମାଟ ପ୍ରକ୍ରିୟାକୁ ପ୍ରତିରୋଧ କରିଥାଏ । ମାନବ ରକ୍ତର ଫିବ୍ରିନରେ ଥିବା ଆଲବୁମିନ୍ ରକ୍ତ ଜମାଟ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିଥାଏ । ଏହା କ୍ୟାନସର କୋଷିକାକୁ ବାନ୍ଧି ରଖିବାକୁ ସକ୍ଷମ ହୋଇଥାଏ । ହଳଦୀ ବ୍ୟବହାର ଦ୍ୱାରା ଧୀରେ ଧୀରେ କ୍ୟାନସର କୋଷିକା ନଷ୍ଟହେବା ସହିତ ଏହା ନିକଟବର୍ତ୍ତୀ କୋଷିକାକୁ ସୁରକ୍ଷିତ ଏବଂ ସଶକ୍ତ ହୋଇପାରିଥାନ୍ତି ।

ରାତିର ଶୋଇବା ପୂର୍ବରୁ ହଳଦୀମିଶା କ୍ଷୀର ପିଇ ଶୋଇଲେ ଅନେକ ଶାରୀରିକ ସମସ୍ୟାର ଉପକାର ମିଳିଥାଏ । ହଳଦୀମିଶା କ୍ଷୀର ପିଇ ଶୋଇଲେ ସାରାଦିନର ଥକ୍କାପଣ ଦୂର ହେବା ସହ ସୁଖନିଦ୍ରା ହୋଇଥାଏ । କ୍ଷୀରରେ ପ୍ରଚୁର ମାତ୍ରାରେ କ୍ୟାଲସିୟମ, ଆଇରନ ଏବଂ ପ୍ରୋଟିନ୍ ଭଳି ପୋଷକତତ୍ତ୍ୱ ରହିଥାଏ । ସେହିପରି ହଳଦୀ ଏକ ପ୍ରାକୃତିକ ଆଣ୍ଟିବାୟୋଟିକ୍ ଭାବେ କାର୍ଯ୍ୟ କରିଥାଏ । ତେଣୁ ହଳଦୀ ମିଶା କ୍ଷୀର ପିଇଲେ ଶରୀର ପୀଡାରୁ ମଧ ମୁକ୍ତି ମିଳିଥାଏ । ଏଥିସହ ଏହା ପିଇବା ଦ୍ୱାରା ମାନସିକ ଅବସାଦ ମଧ ଦୂର ହୋଇଥାଏ ।

# ରକ୍ତଚାପ ନିୟନ୍ତ୍ରଣ କରେ ମୂଳା

ମୂଳାରେ ପୋଟାସିୟମର ମାତ୍ରା ଅଧିକ ଥାଏ । ଏହା ଶରୀରରେ ସୋଡିୟମ-ପୋଟାସିୟମ ମାତ୍ରା ସନ୍ତୁଳନରେ ସାହାଯ୍ୟ କରିଥାଏ । ଯାହାଦ୍ୱାରା ରକ୍ତଦ୍ୱାରା ରକ୍ତଚାପ ନିୟନ୍ତ୍ରିତ ହୋଇଥାଏ । ଏହା ତ୍ୱଚାକୁ ମଧ ସୁସ୍ଥ ରଖିଥାଏ ।



ଥଣ୍ଡା କାଶରୁ ମୁକ୍ତି ପାଇଁ ଡାଏଟରେ ମୂଳା ସାମିଲ କରନ୍ତୁ । ଏହାକୁ ସାଲାଡରେ ବ୍ୟବହାର କରି ପାରିବେ । ଏଥିରେ ଡି କଣ୍ଟେଷ୍ଟେଣ୍ଟ ଯୌଗିକ ରହିଛି । ହାର୍ଟ ସମସ୍ୟା ଦୂର କରିବାରେ ସାହାଯ୍ୟ କରେ । ସୁଗର ନିୟନ୍ତ୍ରଣ କରିଥାଏ । ମୂଳାରେ ଫାଇବରର ମାତ୍ରା ରହିଛି ଯାହା ପେଟ ରୋଗରୁ ମୁକ୍ତି ଦିଏ । ଖାଦ୍ୟ ହଜମରେ ସାହାଯ୍ୟ କରେ । ଏହାଦ୍ୱାରା ସୁଗର ସ୍ତର ଅଚାନକ ବଢ଼େ ନାହିଁ ଯାହା ଡାଇବେଟିସ୍ ରୋଗୀଙ୍କ ପାଇଁ ଜରୁରୀ । ମୂଳା ଇନସୁଲିନ୍ କଣ୍ଟ୍ରୋଲ କରିଥାଏ । ମୂଳାରେ ଥିବା ଡାଇୟୁରେଟିକ୍ କ୍ୱାଲିଟି କିଡନୀ ଡିଟକ୍ସ କରିବାରେ ସାହାଯ୍ୟ କରେ ।

## ଗ୍ରୀନ୍ ମଟରର ଉପକାରିତା

ସେ ଗ୍ରୀନ ମଟର ହେଉ କି ଶୁଖିଲା ମଟର ଏଥିରେ ପ୍ରସ୍ତୁତ ଯେକୌଣସି ଖାଦ୍ୟ ସୁଆଦିଆ ଲାଗିଥାଏ । ତେବେ ଗ୍ରୀନ ମଟର ଖାଲି ଯେ ଖାଦ୍ୟର ସ୍ୱାଦ ବଢ଼ାଇ ଥାଏ ତାହା ନୁହଁ ଏଥିରେ ଭରି ରହିଛି ପୋଷକ ତତ୍ତ୍ୱ, ଯାହା ବହୁ ରୋଗ ପାଇଁ ଖୁବ୍ ଗୁଣକାରୀ ।

**ଅସ୍ଥି ମଜଭୂତ:** ଅନୁସନ୍ଧାନରୁ ଜଣାପଡିଛି ଯେ, ମଟରରେ ଭିଟାମିନ୍ କେ' ଭରପୁର ମାତ୍ରାରେ ରହିଥାଏ । ଏହା ଶରୀରରେ ଅସ୍ଥିକୁ ମଜଭୁତ କରିଥାଏ । ଏହା ବ୍ୟତୀତ ଏହା ଅସ୍ଥିରେ ହେଉଥିବା ଅଷ୍ଟିୟୋପୋରୋସିସର ଆଶଙ୍କାରୁ ଦୂରେଇ ରଖିଥାଏ ।

**ଇମ୍ୟୁନିଟି ବଢ଼ାଏ:** ସବୁଜ ମଟରରେ ଲୌହ, ଜିଙ୍କ, ମାଙ୍ଗାନିଜ, କପର ଆଦି ରହିଛି, ଏହା ଶରୀରକୁ ବହୁ ପ୍ରକାର ରୋଗରୁ ସୁରକ୍ଷା ଦେଇଥାଏ । ମଟରରେ ଆଣ୍ଟିଅକ୍ସିଡାଣ୍ଟ ଗୁଣ ପ୍ରଚୁର ମାତ୍ରାରେ ରହିଥାଏ, ଯାହା ହୃଦୟ ସମ୍ବନ୍ଧିତ ବହୁ ପ୍ରକାର ରୋଗ ଦୂର କରିଥାଏ । ଏଥି ସହିତ ହାଇ ବିପି ହାର୍ଟଆଟାକ ଆଶଙ୍କା ମଧ୍ୟ କମ୍ କରିଥାଏ ।



**କ୍ୟାନସରରୁ ରକ୍ଷା କରେ ମଟର:** ମଟର ତ୍ୱଚା ପାଇଁ ଏକ ପ୍ରାକୃତିକ ସ୍କ୍ରବ ପରି କାମ କରିଥାଏ । ତ୍ୱଚାର ସୁନ୍ଦରତା ବଢ଼ାଇଥାଏ । ଏହା ସହିତ ଏଥିରେ ଥିବା ଫ୍ଲେବୋନଏଡସ୍ କ୍ୟାରୋଟିନ୍ ଆମ ଶରୀରରେ ଏନର୍ଜୀ ଲେଭଲ ଭରପୂର ରଖିଥାଏ । ମଟରରେ ଆଣ୍ଟିଅକ୍ସିଡାଣ୍ଟ ଗୁଣ ଶରୀରକୁ ସୁସ୍ଥ ସବଳ ରଖିଥାଏ ।

**ଓଜନ କମ୍:** ଓଜନ କମ କରିବା ପାଇଁ ଯଦି କୌଣସି ପ୍ରକାର ଏକ୍ସରସାଇଜ କରିପାରୁନାହାନ୍ତି ତେବେ ଖାଦ୍ୟରେ ମଟର ସାମିଲ କରନ୍ତୁ ଏଥିରେ ପ୍ରଚୁର ପରିମାଣର ଫାଇବର ରହିଥାଏ । କମ୍ କ୍ୟାଲୋରୀ, କମ୍ ଫ୍ୟାଟ ଥିବା ହେତୁ ଓଜନ ବଢ଼ିବାକୁ ଦିଏ ନାହିଁ ।

**କେଶ ସୁରକ୍ଷା:** ମଟରରେ ଥିବା ଭିଟାମିନ୍ କେଶ ଝଡିବାକୁ ରୋକିଥାଏ ଓ ରୁକ୍ଷ କେଶକୁ କୋମଳ କରିବାରେ ସହାୟକ ହୋଇଥାଏ । ଏଥିରେ ଭିଟାମିନ୍ ୬ ଓ ବି-୧୨ ଓ ଫୋଲିକ୍ ଏସିଡ୍ ରହିଛି । ଯାହା ଲାଲ ରକ୍ତ କୋଷିକାକୁ ନିର୍ମାଣ କରିବାରେ ସହାୟକ ହୋଇଥାଏ ।

**କୋଲେଷ୍ଟେରଲ ନିୟନ୍ତ୍ରଣ କରେ:** ଗ୍ରୀନ ମଟର କୋଲେଷ୍ଟେରଲ ଲେବଲ ନିୟନ୍ତ୍ରିତ କରିବାରେ ସହାୟ ହୋଇଥାଏ । ଏଥିରେ ଏପରି ସ୍ୱାସ୍ଥ୍ୟବର୍ଦ୍ଧକ ଗୁଣ ରହିଛି, ଯାହା କୋଲେଷ୍ଟେରଲ ଲେବଲ ବଢ଼ିବାକୁ ଦିଏ ନାହିଁ । ଏଥି ସହିତ ଶରୀରରେ ଟ୍ରାଇଗ୍ଲିସରାଇଡ୍ସ ସ୍ତରକୁ ବଢ଼ିବାକୁ ଦେଇ ନ ଥାଏ ଓ ବହୁ ପ୍ରକାରର ରୋଗ ଦୂର ହୋଇଥାଏ ।

ଗ୍ରୀନ୍ ମଟରରେ ସ୍ୱାସ୍ଥ୍ୟୋପକାରୀ ଗୁଣ ଭରି ରହିଛି । ଏହାକୁ ଦୈନନ୍ଦିନ ଖାଦ୍ୟ ତାଲିକାରେ ସାମିଲକଲେ ତାହା ଶରୀରରେ କୋଲେଷ୍ଟ୍ରଲକୁ ନିୟନ୍ତ୍ରଣ କରିଥାଏ । ତା' ସହ ବ୍ଲଡପ୍ରେସର ରୋଗୀଙ୍କ ପାଇଁ ଏହା ମଧ୍ୟ ଉପକାରୀ ସାବ୍ୟସ୍ତ ହୋଇଥାଏ । ଗ୍ରୀନ୍ ମଟରରେ 'ଭିଟାମିନ୍ କେ' ଭରିରହିଛି । ତେଣୁ ଏହାକୁ ଖାଇଲେ ଅସ୍ଥି ମଜଭୁତ ହୋଇଥାଏ ।

## ଆପଣ ଜାଣନ୍ତି କି ?

- ବ୍ରହ୍ମକମଳ ଏଭଳି ଏକ ଫୁଲ ଯାହା ବର୍ଷରେ ଥରେ ଫୁଟିଥାଏ । ଏହି ଫୁଲ କେବଳ ରାତିରେ ହିଁ ଫୁଟିଥାଏ ।
- ଆମେରିକାରେ ଦେଖା ଦେଉଥିବା ବେସିଲିସ୍କ ଲିଜାର୍ଡ ବା ଯିଶସ୍ ଖ୍ରୀଷ୍ଟ ନାମକ ଏଣ୍ଡୁଅ ପାଣି ଉପରେ ମଧ ଦୌଡ଼ିପାରେ ।
- ଇଟାଲୀର ଆନ୍ଦ୍ରିଆ ଆମାତି ସର୍ବ ପ୍ରଥମେ ଭାଓଲିନ୍ ନିର୍ମାଣ କରିଥିଲେ ।
- ବୋନୋବୋ ନାମକ ଏକ ସିମ୍ପାଞ୍ଜି ଅଛନ୍ତି ଯେଉଁମାନେ କେବଳ କଙ୍ଗୋ ଜଙ୍ଗଲରେ ଦେଖାଯାନ୍ତି । କୁହାଯାଏ ମଣିଷମାନଙ୍କ ସହ ଏହି ପ୍ରଜାତିର ବେଶ୍ ସାମଞ୍ଜସ୍ୟ ରହିଛି ।
- ଉଦ୍ଭିଦ ଜଗତର ପ୍ରାୟ ୮୫ ପ୍ରତିଶତ ଉଦ୍ଭିଦ ସମୁଦ୍ର ଗର୍ଭରେ ଦେଖାଯାନ୍ତି ।
- ହସିବା ଦ୍ୱାରା ମଣିଷର ଅବସାଦ ଦୂର ହୋଇଥାଏ ଯାହା ତାକୁ ଦୀର୍ଘଜୀବୀ କରିବାରେ ସାହାଯ୍ୟ କରେ ।
- ସିନ୍ଧୁ ଘୋଟକର ଦାନ୍ତ ବା ପାକସ୍ଥଳୀ ନ ଥାଏ । ତେଣୁ ଏମାନେ ବଞ୍ଚି ରହିବା ପାଇଁ ଅହରହ ଖାଦ୍ୟ ଖାଇଥାନ୍ତି ।
- ସ୍ପେଶାଲ ଅଲିମ୍ପିକ ଗେମ୍ସ ବିଶ୍ୱର ସବୁଠାରୁ ବଡ଼ ଗେମ୍ । ଇଭେଣ୍ଟ ଯାହା ମାନସିକ ଭାବେ କମ୍ ବିକଶିତ ବ୍ୟକ୍ତି ବିଶେଷଙ୍କ ଲାଗି ଆୟୋଜନ କରାଯାଇଥାଏ ।
- କୁକୁରମାନଙ୍କ ନିଃଶ୍ୱାସ ପ୍ରଶ୍ୱାସ ପାଇଁ ଦୁଇ ପ୍ରକାର ଗମନ ପଥ ଥାଏ । ଗୋଟିଏ ପଥ ଶ୍ୱାସକ୍ରିୟାର କାର୍ଯ୍ୟ କରୁଥିବା ବେଳେ ଅନ୍ୟ ପଥଟି ଘ୍ରାଣକ୍ରିୟା ପାଇଁ କାର୍ଯ୍ୟ କରିଥାଏ । ତେଣୁ କୁକୁରମାନଙ୍କ ନାକରେ ଗନ୍ଧ ବହୁ ସମୟ ଧରି ରହିଥାଏ ।

## ଟମାଟୋର ଲାଭ

ସାଧାରଣତଃ ଶୀତ ଋତୁରେ ଟମାଟୋ ଅମଳ ହୁଏ । ଏହା ଏକ ଉପାଦେୟ ପରିବା । ଦେହ ପାଇଁ ଅତି ଉପକାରୀ । ଶୀତ ଋତୁ ଆସିଥିବାରୁ ଏବେ ବଜାରରେ ପ୍ରଚୁର ପରିମାଣରେ ତାଜା ଟମାଟୋ ଉପଲବ୍ଧ ହେଲାଣି । ଏହା ବିଭିନ୍ନ ତରକାରି ଓ ବ୍ୟଞ୍ଜନରେ ଲାଗେ ତା' ସହିତ ଏହାକୁ ସୁପ୍, ଚଟଣି ଏବଂ ସାଲାଡରେ ମଧ ବ୍ୟବହାର କରାଯାଏ । ଏଥିରେ ପ୍ରଚୁର ପରିମାଣର ଭିଟାମିନ୍, ଖଣିଜ ସହ ମଣିଷ ପାଇଁ ଆବଶ୍ୟକ ହେଉଥିବା ଏକାଧିକ ପୋଷକ ତତ୍ତ୍ୱ ରହିଥାଏ । ଏହା କୋଲେଷ୍ଟରଲ, ମଧୁମେହକୁ ମଧ ନିୟନ୍ତ୍ରିତ କରେ ।



ମଧୁମେହ ରୋଗୀଙ୍କ ପାଇଁ ଏହା ଅତ୍ୟନ୍ତ ଉପକାରୀ । ଟମାଟୋ ଶିଶୁଙ୍କ ମାନସିକ ଓ ଶାରୀରିକ ବିକାଶ ପାଇଁ ଉପଯୋଗୀ । ପ୍ରତିଦିନ ସକାଳେ ବିନା ପାଣିରେ ଗୋଟିଏ ଟମାଟୋ ଖାଆନ୍ତୁ । ଏହା ଦେହ ପାଇଁ ସ୍ୱାସ୍ଥ୍ୟକର ।

ତ୍ୱଚାରେ ଟମାଟୋ ଘସିଲେ ଚମକ ଆସିବ ।

ଟମାଟୋ ସହିତ ଜୁଆଣି ମିଶାଇ ଖାଇଲେ ଗଣ୍ଠିବାତ ଦୂର ହୁଏ ।

ଗର୍ଭାବସ୍ଥାରେ ମହିଳାମାନେ ଡାକ୍ତରଙ୍କ ପରାମର୍ଶ ନେଇ ଟମାଟୋ ଖାଇବା ଉଚିତ ।

ଟମାଟୋରେ ଭିଟାମିନ୍ କେ' ଏବଂ କ୍ୟାଲସିୟମ ଥିବାରୁ ଏହା ହାଡ଼ ମଜଭୁତ କରେ ।

ଟମାଟୋରେ ସୈନ୍ଧବ ଲବଣ ମିଶାଇ ଖାଇଲେ ମୁହଁ ଉଜ୍ଜ୍ୱଳ ଦେଖାଯିବ ।

ନିୟମିତ ଖାଇଲେ ରକ୍ତହୀନତା ଦୂର ହୁଏ ।

ଟମାଟୋ ଓଜନ କମାଇବାରେ ସହାୟକ । ପ୍ରତିଦିନ ୨/୩ ଟି ଟମାଟୋ ଖାଇଲେ ଓଜନ କମିବ ।

## ଓଜନ କମାଏ ପୋଟଳ

ପୋଟଳ ଓଜନ କମ୍ କରିବା ସହ କୋଷ୍ଠକାଠିନ୍ୟ କମ୍ କରିବାରେ ସାହାଯ୍ୟ କରିଥାଏ । ଏହା ରକ୍ତରେ କୋଲେଷ୍ଟ୍ରଲ ଓ ସୁଗର ସ୍ତର ନିୟନ୍ତ୍ରିତ କରିଥାଏ ।

ପୋଟଳ ରୋଗ ପ୍ରତିରୋଧକ କ୍ଷମତା ବଢ଼ାଇଥାଏ । ନିୟମିତ ପୋଟଳ ଖାଇବା ଦ୍ୱାରା ଥଣ୍ଡା ଓ ଫ୍ଲୁ ସମସ୍ୟା କମ୍ କରାଯାଇ ପାରେ ।



ପୋଟଳରେ ଭରପୁର ମାତ୍ରାରେ ଫାଇବର୍ ଥାଏ ଯାହା ପାଚନରେ ସାହାଯ୍ୟ କରେ । ଲିଭର୍ ସମ୍ବନ୍ଧୀୟ ସମସ୍ୟା ମଧ ଦୂର କରିଥାଏ । ଭୋକ ନିୟନ୍ତ୍ରଣ କରିଥାଏ । କମ୍ କ୍ୟାଲୋରି ଥିବା ସହିତ ଅଧିକ ସମୟ ପର୍ଯ୍ୟନ୍ତ ଖାଲି ପେଟ ରହିହୁଏ । ପୋଟଳରେ ଆଣ୍ଟିଅକ୍ସିଡାଣ୍ଟ, ଭିଟାମିନ୍ ଏ ଓ ସି'ର ମାତ୍ରା ଅଧିକ ।

## ବିଟ୍‌ର ଔଷଧୀୟ ଗୁଣ

ବିଟ୍ ମାଟି ତଳେ ଫଳୁଥିବା ଏକ ଶୀତ ଦିନିଆ ପରିବା । ସ୍ୱାଦ ବଢ଼ାଇବା ଏବଂ ରଙ୍ଗ ପାଇଁ ଏହାକୁ ବିଭିନ୍ନ ପ୍ରକାରର ଖାଦ୍ୟରେ ବ୍ୟବହାର କରାଯାଇଥାଏ । ଏଥି ସହିତ ବିଟରେ ରହିଛି ପ୍ରଚୁର ପରିମାଣର ପୋଷକ ତତ୍ତ୍ୱ, ଯାହା ସ୍ୱାସ୍ଥ୍ୟ ପାଇଁ ରାମବାଣ ତୁଲ୍ୟ କାମ କରିଥାଏ ।



ବିଟ୍‌କୁ କଞ୍ଚା, ସୁପ, ସାଲାଡ ଓ ସୁଦି ତଥା ବିଭିନ୍ନ ଖାଦ୍ୟ ପ୍ରସ୍ତୁତିରେ ମଧ ବ୍ୟବହାର କରାଯାଇଥାଏ । ଲାଲ୍‌ରଙ୍ଗ ଯୋଗୁଁ ମଧ ଏହା ସୁପରଫୁଡ୍ ଭାବେ ପରଗଣିତ ।

ବିଟରେ ବିଭିନ୍ନ ପ୍ରକାର ପୋଷକ ତତ୍ତ୍ୱ ଓ ଆଣ୍ଟି ଅକ୍ସିଡାନ୍ସ ଗୁଣ ଭରି ରହିଛି ଯାହା ଶରୀର ଲାଗି ଅତ୍ୟଧିକ ଲାଭଦାୟକ । ପ୍ରତିଦିନ ବିଟ ଖାଇବା ଦ୍ୱାରା ବ୍ଲଡ ପ୍ରେସର ସନ୍ତୁଳିତ ହୋଇଥାଏ ଓ କବଜ, କ୍ୟାନସରରୁ ରକ୍ଷା ମିଳିଥାଏ । ବିଟ୍ ଲିଭରର ସୁରକ୍ଷା କବଚ ଭାବେ କାର୍ଯ୍ୟ କରେ । ଏହା ମୂତ୍ର ଜରିଆରେ ଶରୀରରୁ ବିଷାକ୍ତ ପଦାର୍ଥ ବାହାରକୁ ବାହାର କରିବା ସହିତ ଡିଟକ୍ସିଫିକେଶନ ପ୍ରକ୍ରିୟାରେ ସହାୟତା ପ୍ରଦାନ କରିଥାଏ ।

**ତ୍ୱଚା ଚମକ:** ବିଟ୍‌କୁ କାଟି ସିଝାଇ ଗ୍ରାଇଣ୍ଡ କରି ମୁହଁ ଓ ଗଳାରେ ଲଗାନ୍ତୁ । ୩୦ ମିନିଟ୍ ପର୍ଯ୍ୟନ୍ତ ମୁହଁରେ ଲଗାଇ ରଖି ନିୟମିତ ଥଣ୍ଡା ପାଣିରେ ଧୋଇଲେ ଏହା ତ୍ୱଚାରେ ଗୋଲାପୀ ଚମକ ପ୍ରଦାନ କରିଥାଏ ।

**ରକ୍ତହୀନତା ଦୂର କରେ:** ଏଥିରେ ପ୍ରଚୁର ପରିମାଣର ଆଇରନ ରହିଥିବାରୁ ଏହା ଲାଲ୍ ରକ୍ତକଣିକା ସୃଷ୍ଟି କରିବାରେ ବେଶ୍ ସହାୟକ ହେବା ସହିତ ରକ୍ତ ଅଭାବକୁ ପୂରଣ କରିଥାଏ ।

**ମଧୁମେହ:** ବିଟରେ ପଲିଫେନୋଲ୍ସ, ଫ୍ଲେବୋନଏଡସ ଓ ଆଣ୍ଟିକାୟନିନର ସ୍ରୋତ ରହିଛି ଯାହା ମଧୁମେହ ସ୍ତରକୁ କମ୍ କରିବାରେ ସହାୟକ ହୋଇଥାଏ ।

**ଅସ୍ଥି ମଜଭୁତ:** ବିଟରେ ପ୍ରଚୁର ପରିମାଣର କ୍ୟାଲସିୟମ୍ ରହିଥିବା ହେତୁ ଏହା ପ୍ରତିଦିନ ଖାଇବା ଦ୍ୱାରା ଦାନ୍ତ ମଜଭୁତ ହେବା ସହିତ ଅସ୍ଥି ମଜଭୁତ ହୋଇଥାଏ ।

**ଗର୍ଭବତୀଙ୍କ ପାଇଁ:** ଗର୍ଭାବସ୍ଥାରେ ବିଟ ଖାଇବା ଖୁବ୍ ଲାଭଦାୟକ ହୋଇଥାଏ । ଏଥିରେ ଥିବା ଫଲେଟ ଓ ମାଙ୍ଗାନିଜ, ପୋଟାସିୟମ, ଭିଟାମିନ-ସି, ଫସଫରସ ଗର୍ଭସ୍ଥ ଶିଶୁ ଓ ମା'କୁ ସୁସ୍ଥ ରଖିଥାଏ ।

**ହୃଦୟ ସୁସ୍ଥ:** ହୃଦୟକୁ ସୁସ୍ଥ ରଖିବା ପାଇଁ ବିଟ୍ ଖୁବ୍ ସହାୟକ ହୋଇଥାଏ । ଏଥିରେ ଥିବା ଭିଟାମିନ୍ ଓ ମିନେରାଲ୍ସ ହୃଦୟକୁ ସୁସ୍ଥ ରଖିଥାଏ । ହୃଦୟ ରୋଗରୁ ରକ୍ଷା ପାଇବା ପାଇଁ ବିଟ୍ ପ୍ରତିଦିନ ନିଶ୍ଚୟ ଖାଆନ୍ତୁ ।

## କହିପାରିବେ କି ?

(୧) ମଶାମାନଙ୍କର କେତୋଟି ଗୋଡ଼ ରହିଥାଏ ?
(୨) ବିଶ୍ୱର ବୃହତ୍ତମ ସହରର ନାଁ କ'ଣ ?
(୩) ବିଶ୍ୱର ସର୍ବାଧିକ ଜନବହୁଳ ରାଷ୍ଟ୍ର କିଏ ?
(୪) ବ୍ରିଟେନର ସର୍ବାଧିକ ଜନସଂଖ୍ୟା ଥିବା ସହରର ନାଁ କ'ଣ, ଯାହା ସେ ଦେଶର ରାଜଧାନୀ ମଧ ?
(୫) ମେକ୍ସିକୋ ଏବଂ ଆମେରିକାର ଠିକ୍ ମଝି ସୀମା ଦେଇ ଗତି କରିଥିବା ନଦୀର ନାଁ କ'ଣ ?
(୬) କେଉଁ ସହର ନେଦରଲାଣ୍ଡ ଭାବେ ଅନ୍ୟ ଏକ ନାଁରେ ପରିଚିତ ?
(୭) ଅରୁଣାଚଳ ପ୍ରଦେଶ, ଆସାମ, ପଶ୍ଚିମବଙ୍ଗ ଏବଂ ସିକିମ୍ ଏସମସ୍ତ ରାଜ୍ୟର ସୀମାକୁ ଲାଗିଥିବା ଏକମାତ୍ର ଦେଶର ନାଁ କ'ଣ ?
(୮) ଲର୍ଣ୍ଣି ଟାୱାର ଅଫ୍ ପିସା କେଉଁ ଦେଶରେ ରହିଛି ?
(୯) ପୃଥିବୀର ନିକଟତମ ଗ୍ରହର ନାଁ କ'ଣ ?
(୧୦) ନର୍ଥ ପୋଲ ଏବଂ ସାଉଥ୍ ପୋଲ ମଧ୍ୟରେ କେଉଁଠି ଅଧିକ ଥଣ୍ଡା ?

**JUMBLE WORDS**

| | | | |
|---|---|---|---|
| 1) NEOUFD | = | 6) DOMUPI | = |
| 2) LRIHLS | = | 7) SLUPH | = |
| 3) LAFEB | = | 8) WDROC | = |
| 4) FEITH | = | 9) LUYFAT | = |
| 5) TAATNI | = | 10) OIMNEC | = |

ଏହି ସମସ୍ତ ପ୍ରଶ୍ନର ଉତ୍ତର ସଂପାଦକ, "ସ୍ୱୀକାର", ଲେବର କଲୋନୀ ମୁଦିପଡ଼ା, ସମ୍ବଲପୁରଙ୍କ ଠିକଣାରେ ପଠାଇବାକୁ ଅନୁରୋଧ । ସମସ୍ତଙ୍କ ଜାଣିବା ପାଇଁ ସମସ୍ତ ପ୍ରଶ୍ନର ଉତ୍ତର ଆସନ୍ତା ସଂଖ୍ୟାରେ ଦିଆଯିବ ।

**ଗତ ସଂଖ୍ୟାର କହିପାରିବେ କି ? ର ଉତ୍ତର :-**

୧. ସୋଡିୟମ ବାଇକାର୍ବୋନେଟ୍, ୨. ଡିଟରଜେଣ୍ଟ ସୋଡା, ୩. ଟେବୁଲ ସଲ୍ଟ, ୪.ସୁକ୍ରୋଜ୍, ୫.ଗ୍ରାଫାଇଟ୍, ୬.କାର୍ବନ ଡାଇଅକସାଇଡ୍, ୭.ଟିଟାନିୟମ ଡାଇଅକସାଇଡ୍, ୮.ମିଥେନ, ୯.ମୋନୋସୋଡିୟମ୍ ଗ୍ଲୁଟାମେଟ୍, ୧୦. ଗ୍ରାଫାଇଟ୍ ।

***Jumble Words* ର ଉତ୍ତର :-**

(1) YEAST (2) PLANK (3) GUITAR (4) CEMENT (5) ELUDE (6) BUNCH (7) COSMPS (8) ZEALOT (9) FOCAL (10) CHIRP

## ସମାଜସେବୀ ଟଙ୍କଧର ଭୋଇଙ୍କ ପରଲୋକ

ସମ୍ବଲପୁର: ଧନକଉଡ଼ା ବ୍ଲକ ଜିଲେଇପାଲି ବାସିନ୍ଦା ସମାଜସେବୀ ଟଙ୍କଧର ଭୋଇ (୪୬)ଙ୍କର ପରଲୋକ ହୋଇଯାଇଛି । ତାଙ୍କ ବିୟୋଗରେ ଜିଲେଇପାଲି ଗ୍ରାମସ୍ଥ କଲ୍ୟାଣ ମଣ୍ଡପ ରେ ସରୋଜ କୁମାର ସାହୁଙ୍କ ଅଧକ୍ଷତାରେ ଏକ ଶୋକସଭା ଆନୁଷ୍ଠିତ ହୋଇଯାଇଛି । ଏଥିରେ ଡକ୍ଟର ବଂଶୀଧର କର, ପ୍ରକୃତି ବନ୍ଧୁ ଦେବାଶିଷ ସାହୁ, ସେଣ୍ଟ ଜାଭିଅର୍ ବିଦ୍ୟାଳୟ, ସମ୍ବଲପୁର ର ଶିକ୍ଷୟିତ୍ରୀ ଦେବହୂତୀ ସାହୁ ଓ ବରଗଡ ଜିଲ୍ଲା ର ଚାଷୀ ନେତା ଏକାଦଶୀଆ ସାହୁ ପ୍ରମୁଖ ଯୋଗଦେଇ ସ୍ୱର୍ଗତ ଟଙ୍କଧରଙ୍କ ବ୍ୟକ୍ତିତ୍ୱ ଓ ଜଣେ ସମାଜସେବୀ ଭାବରେ ସେ ଅଞ୍ଚଳରେ ତାଙ୍କର ଏକ ସ୍ୱତନ୍ତ୍ର ପରିଚୟ ଥିଲା ବୋଲି କହିଥିଲେ । ଏହି ଅବସରରେ ସ୍ୱର୍ଗତ ଟଙ୍କଧର ଙ୍କ ପରିବାର ବର୍ଗ, ବନ୍ଧୁ ପରିଜନ ଓ ସ୍ଥାନୀୟ ଅଞ୍ଚଳ ବାସିନ୍ଦାଙ୍କ ଉଦ୍ୟମରେ ଗଛ ଲଗାଅ ଜୀବନ ବଞ୍ଚାଅ ବାର୍ତ୍ତା ଦେଇ ଏକ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଡକ୍ଟର ବଂଶୀଧର କରଙ୍କ ସମେତ ଅତିଥି ମାନଙ୍କ ସହ ବୃକ୍ଷ ରୋପଣ ଶୁଭାରମ୍ଭ ହୋଇଥିଲା । ଫକିର ସାହୁ, ସୁଲତା ସାହୁ, ସନ୍ତୋଷିଲା ପ୍ରଧାନ, ସୁମିତ୍ରା ନାଏକ, ବିନୋଦିନୀ ଭୋଇ, ଅତୀଶ ଭୋଇ, ଯଶ ଭୋଇ, ମିଥିଳା ଗଡ଼ତିଆ, ଭୁବନ ଭୋଇ, ବେଣୁଧର ସାହୁ, ସୁଜିତ ସାହୁ, କଲ୍ପସିନୀ ସାହୁ, ଅଙ୍କିତ ସାହୁ, ପଙ୍କଜିନୀ ସାହୁଙ୍କ ସମେତ ସ୍ଥାନୀୟ ଅଞ୍ଚଳର ମାନ୍ୟ ଗଣ୍ୟ ବ୍ୟକ୍ତି କାର୍ଯ୍ୟକ୍ରମ ରେ ସହଯୋଗ କରିଥିଲେ ।

## ସ୍ଥାନୀୟ ସମସ୍ୟା ନେଇ ବେଦାନ୍ତ ଅଧିକାରୀଙ୍କୁ ଦାବି କଲେ ବଡପଡା ବାସୀ

ଭବାନୀପାଟଣା : ଲାଞ୍ଜିଗଡସ୍ଥିତ ବେଦାନ୍ତ ଲିମିଟେଡ଼୍ ସ୍ଥାପିତ ହୋଇ ଦୀର୍ଘ ୨୦ ବର୍ଷ ବିତିଯାଇଥିଲେ ହେଁ ଆଜି ପର୍ଯ୍ୟନ୍ତ ଅଞ୍ଚଳର ଆଖିଦୃଶିଆ ଉନ୍ନତି ହୋଇ ପାରିନାହିଁ । ଏହାକୁ ନେଇ ଅଞ୍ଚଳବାସୀ ଅନେକ ଥର ଦାବି, ଅଭିଯୋଗ ଓ ଆନ୍ଦୋଳନ କଲେ ବି କୌଣସି ସମାଧାନ ବାହାରି ପାରୁନାହିଁ । ବିଭିନ୍ନ ସମସ୍ୟାକୁ ନେଇ ଲାଞ୍ଜିଗଡ଼ ବଡ଼ପଡା ବାସିନ୍ଦା ବେଦାନ୍ତ ମୁଖ୍ୟ ନିର୍ବାହୀ ଅଧିକାରୀଙ୍କୁ ଏକ ପାଞ୍ଚ ଦଫା ଦାବିପତ୍ର ପ୍ରଦାନ କରିଛନ୍ତି । ଦାବି ଅନୁଯାୟୀ, ବଡ଼ପଡାର ଅନେକ ପରିବାର ନିଜର ଭିଟାମାଟି ଓ ଜମି ହରାଇଥିବା ବେଳେ କମ୍ପାନୀ ଶାଗମାଛ ଦରରେ ହାତେଇଲା କିନ୍ତୁ ଆଶାନୁରୂପ କ୍ଷତିପୂରଣ କିମ୍ବା ନିଯୁକ୍ତି ଦେଲା ନାହିଁ । ଏପରିକି ପାରିପାର୍ଶ୍ୱିକ ଉନ୍ନୟନ ନାଁରେ କୋଟି କୋଟି ଟଙ୍କା ଖର୍ଚ୍ଚ କରାଯାଉଥିବା କୁହାଯାଉଥିବାବେଳେ ଆଜି ପର୍ଯ୍ୟନ୍ତ ବଡ଼ପଡାକୁ ଯାତାୟତ ପାଇଁ ରାସ୍ତା ନାହିଁ । ସେହିପରି କାମଧନ୍ଦା ଅଭାବରୁ ପଡାର ଯୁବକମାନେ ଦାଦନ ଖଟିଯିବାକୁ ବାଧ ହେଉଛନ୍ତି । ଏହାକୁ ନେଇ ଅସନ୍ତୋଷ ବଢ଼ିବାରେ ଲାଗିଥିବାବେଳେ ବଡ଼ପଡା ନିକଟସ୍ଥ ବଂଶଧାରା ନଦୀରେ ପୋଲ ନିର୍ମାଣ, ଶିବ ମନ୍ଦିରରୁ ବଡ଼ପଡା ଶେଷମୁଣ୍ଡ ପର୍ଯ୍ୟନ୍ତ କଂକ୍ରିଟ ରାସ୍ତା, ଗାର୍ଡୱାଲ ଓ ଡ୍ରେନ ନିର୍ମାଣ, ବଡ଼ପଡା ଶେଷମୁଣ୍ଡରୁ ପ୍ରାଥମିକ ବିଦ୍ୟାଳୟ ଓ ଅଙ୍ଗନୱାଡ଼ି କେନ୍ଦ୍ର ପର୍ଯ୍ୟନ୍ତ କଂକ୍ରିଟ ରାସ୍ତା ନିର୍ମାଣ, ପଡ଼ାର ଦଶଗୋଟି ମହିଳା ଗୋଷ୍ଠୀ ଓ ଜନସାଧାରଣଙ୍କ ପାଇଁ ଦୁଇଟି କମ୍ୟୁନିଟି ହଲ ନିର୍ମାଣ, କମ୍ପାନୀ ଦ୍ୱାରା ବିସ୍ଥାପିତ ଓ ଅଣବିସ୍ଥାପିତ ବ୍ୟକ୍ତିବିଶେଷଙ୍କୁ କମ୍ପାନୀରେ ସ୍ଥାୟୀ ନିଯୁକ୍ତି ଓ ଠିକା କାର୍ଯ୍ୟରେ ଅଗ୍ରାଧିକାର ଦେବାକୁ ଦାବି କରିଛନ୍ତି ପଡାବାସୀ । ଏହି ଅବସରରେ ବ୍ଲକ ଉପାଧକ୍ଷ ସଞ୍ଜୀବ ନାୟକ, ସରପଞ୍ଚ ସରସ୍ୱତୀ ମୁଣ୍ଡାଙ୍କ ସମେତ ବଡ଼ପଡା ଡେଭଲପମେଣ୍ଟ କମିଟି ପକ୍ଷରୁ ସଭାପତି ମାଲେଶ ନାଏକ, ସଂପାଦକ ପରମାନନ୍ଦ ନାଏକ, ହରେକୃଷ୍ଣ ତାଣ୍ଡି, ମହାଦେବ ହରିଜନ, ରୋଶନ ନାଏକ, ଥବିର ନାଏକ, କ୍ଷିତ ନାଏକ, କିରଣ ହରିଜନଙ୍କ ସହିତ ପଡ଼ାର ଶତାଧିକ ଲୋକ ଉପସ୍ଥିତ ଥିଲେ ।

## ରାଜ୍ୟରେ ୩ ଲକ୍ଷରୁ ଅଧିକ ପଞ୍ଜୀକୃତ ଟ୍ରକ୍ ଚଳାଚଳ କରୁଛି

ଭୁବନେଶ୍ୱର: ରାଜ୍ୟରେ ମୋଟ୍ ୩,୦୬,୪୫୩ ଟି ଟ୍ରକ ପଞ୍ଜୀକରଣ ହୋଇ ଚଳାଚଳ କରୁଥିବାବେଳେ ଝାରସୁଗୁଡା ଜିଲ୍ଲାରେ ପାଖାପାଖି ୧୪,୪୧୩ଟି ଟ୍ରକ ପଞ୍ଜୀକରଣ ହୋଇ ଚଳାଚଳ କରୁଛି । ବିଜେପି ବିଧାୟକ ଟଙ୍କଧର ତ୍ରିପାଠୀଙ୍କ ଏକ ପ୍ରଶ୍ନର ଉତ୍ତରରେ ଏହି ସୂଚନା ଦେଇଛନ୍ତି ରାଜ୍ୟ ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା । ରାଜ୍ୟରେ ଟ୍ରକ ଚଳାଚଳ ସଂକ୍ରାନ୍ତରେ ବିଧାୟକ ଶ୍ରୀ ତ୍ରିପାଠୀ ପଚାରିଥିବା ପ୍ରଶ୍ନର ଉତ୍ତରରେ ମନ୍ତ୍ରୀ ଶ୍ରୀ ଜେନା କହିଛନ୍ତି ଯେ ଝାରସୁଗୁଡାରେ ଚଳାଚଳ କରୁଥିବା ଟ୍ରକଗୁଡିକ ମୁଖ୍ୟତଃ କୋଇଲା, ଖଣିଜ ଜାତୀୟ ପଦାର୍ଥ ଓ ଜିଲ୍ଲାର ବିଭିନ୍ନ କଳ କାରଖାନାରୁ ପ୍ରସ୍ତୁତ ଉତ୍ପାଦ ପରିବହନ କରୁଛି । ଜିଲ୍ଲାରେ ଟ୍ରକଗୁଡିକ ରଖିବା ସହିତ ଚାଳକ ଓ ସହାୟକମାନଙ୍କ ବିଶ୍ରାମ ନେବା ପାଇଁ ଗୋଟିଏ ଟ୍ରକ ଟର୍ମିନାଲ ୪୯ ନମ୍ବର ଜାତୀୟ ରାଜପଥ କଡରେ ରହିଛି । ଆଉ ୩ଟି ଟ୍ରକ ଟର୍ମିନାଲ ନିର୍ମାଣ ପାଇଁ ଆବେଦନ କରାଯାଇଛି । ଜିଲ୍ଲାର ପଣ୍ଡରିପଥର ଠାରେ ଏକ ଟ୍ରକ ଟର୍ମିନାଲ ସରକାରୀ ସ୍ତରରେ ନିର୍ମାଣାଧିନ ରହିଛି । ମନ୍ତ୍ରୀଙ୍କ ସୂଚନା ଅନୁଯାୟୀ ରାଜ୍ୟରେ ପଞ୍ଜୀକୃତ ହୋଇଚଳାଚଳକରୁଥିବା୩,୦୬,୪୫୩ଟି ଟ୍ରକ ମଧ୍ୟରୁ କେନ୍ଦୁଝରରେ ସର୍ବାଧିକ ୪୮,୮୧୪ଟି ଥିବାବେଳେ ସୁନ୍ଦରଗଡରେ ୪୧,୬୪୦ଟି, ଯାଜପୁରରେ ୩୬,୦୪୭ଟି, ଅନୁଗୁଳରେ ୨୮,୯୭୭ଟି, କଟକରେ ୨୪,୫୭୬ଟି, ଖୋରଧାରେ ୨୨,୫୧୦ଟି ଟ୍ରକ ଚଳାଚଳ କରୁଛି । ଦେବଗଡ ଜିଲ୍ଲାରେ ସବୁଠାରୁ କମ୍ ମାତ୍ର ୪୧୨ଟି ଟ୍ରକ ଚଳାଚଳ କରୁଛି ।

## ଭିଜିଲାନ୍ସ ହାତରେ କୃଷି ବିଭାଗ ଲ୍ୟାବ ଟେକ୍ନିସିଆନ

ଝାରସୁଗୁଡ଼ା : ଆଉଟସୋର୍ସିଂ କର୍ମଚାରୀଙ୍କ ଠାରୁ ଲାଞ୍ଚ ନେବା ବେଳେ ଜିଲ୍ଲା କୃଷି ବିଭାଗ ଲ୍ୟାବ ଟେକ୍ନିସିଆନ ଗଣେଶ କାଲସେର ଭିଜିଲାନ୍ସ ହାତରେ ଧରାପଡିଛନ୍ତି । କୃଷି ବିଭାଗର ମୃତ୍ତିକା ପରୀକ୍ଷଣ ବିଭାଗରେ କାର୍ଯ୍ୟରତ ଜଣେକ ଆଉଟସୋର୍ସିଂ କର୍ମଚାରୀଙ୍କୁ କିଛିଦିନ ତଳେ ଚାକିରିରୁ କାଢି ଦିଆଯାଇଥିଲା । ଉକ୍ତ କର୍ମଚାରୀଙ୍କୁ ପୁଣି ଥରେ ଚାକିରି ଦେବା ପାଇଁ ଶ୍ରୀ କାଲସେର ୫୦ ହଜାର ଟଙ୍କା ଲାଞ୍ଚ ମାଗିଥିଲେ । ଗଣେଶ କାଲସେର ଉକ୍ତ କର୍ମଚାରୀଙ୍କ ଠାରୁ ଲାଞ୍ଚ ଟଙ୍କା ଗ୍ରହଣ କରିବା ବେଳେ ଭିଜିଲାନ୍ସ ବିଭାଗର ଟିମ୍ ହାତରେ ଧରା ପଡିଥିଲେ । ତାଙ୍କ ନିକଟରୁ ଙ୍ଗବୋଲା ଟଙ୍କା ଜବତ କରା ଯାଇଥିଲା ।

## ଅଲଟ୍ରାଟେକ ସିମେଣ୍ଟ କାରଖାନାରେ ଦୁର୍ଘଟଣା

ଝାରସୁଗୁଡ଼ା: ଜିଲ୍ଲାର କିର୍ମିରା ବ୍ଲକ ଧୁତୁରା ଠାରେ ଥିବା ଅଲଟ୍ରାଟେକ ସିମେଣ୍ଟ କାରଖାନା ରେ ଜଣେ ଠିକା ଶ୍ରମିକଙ୍କ ଅସ୍ୱାଭାବିକ ମୃତ୍ୟୁ ଘଟିଛି । ମୃତ ଠିକା ଶ୍ରମିକ ଜଣକ ବିକାଶ ଏଣ୍ଟରପ୍ରାଇଜେଶ ନାମକ ଠିକା ସଂସ୍ଥା ରେ ଲୋଡ଼ର ଭାବେ କାର୍ଯ୍ୟ କରୁଥିବା ଶ୍ରମିକ ବିଜୟ କାନ୍ତ ପ୍ରସାଦ (୩୭) ବିହାର ରାଜ୍ୟର ଗୋପାଲଗଞ୍ଜ ଜିଲ୍ଲା ମିସରୋଲି ଗ୍ରାମର ବୋଲି ଜଣାପଡିଛି । କାର୍ଯ୍ୟରତ ଅବସ୍ଥାରେ ଅତ୍ୟଧିକ କାର୍ଯ୍ୟଭାର ଯୋଗୁଁ ତାଙ୍କ ମୃତ୍ୟୁ ଘଟିଥିବା ଅଭିଯୋଗ କାରି ଶ୍ରମିକ ଙ୍କ ମହଲ ରେ ଉତ୍ତେଜନା ପ୍ରକାଶ ପାଇବା ସହ କ୍ଷତିପୂରଣ ଦାବିରେ କାରଖାନା ମୁଖ୍ୟ ଫାଟକ ସମ୍ମୁଖରେ ଧାରଣା ଦେଇଥିଲେ । କାରଖାନା କର୍ତ୍ତୃପକ୍ଷ ବୁଝାସୁଝା କଲା ପରେ ମଧ ମୃତକଙ୍କ ପରିବାରକୁ ୧୫ ଲକ୍ଷ ପରିବାର କୁ ମାସକୁ ମାସ ୧୦ ହଜାର ର ପେନସନ ଏବଂ ଅନ୍ତ୍ୟେଷ୍ଟିକ୍ରିୟା ପାଇଁ ୫୦ ହଜାର ଦାବିକରି ଧାରଣାରେ ବସି ରହିଥିଲେ । ପରେ କାରଖାନା କର୍ତ୍ତୃପକ୍ଷ ପୋଲିସ ଉପସ୍ଥିତି ରେ ୧୦ ଲକ୍ଷ ଟଙ୍କା କ୍ଷତିପୂରଣ ବାବଦକୁ ଦେବା ପାଇଁ ପ୍ରତିଶ୍ରୁତି ଦେବା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା ।ଲାଇକେରା ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇ ଆଜି ମୃତକ ଶ୍ରମିକ ଙ୍କ ପରିବାର ଆସିବା ପରେ ଶବ ବ୍ୟବଚ୍ଛେଦ କରାଇ ପରିବାର କୁ ଶବ ହସ୍ତାନ୍ତର କରା ଯାଇଛି । ସୂଚନା ମୁତାବକ ବିଜୟକାନ୍ତ କାରଖାନାର ୱାଗନ ଲୋଡିଙ୍ଗ ସାଇଟ ରେ ଲୋଡର ଭାବେ କାର୍ଯ୍ୟ କରୁଥିଲେ । ଗତ ୨୨ ତାରିଖ ଭୋର ପ୍ରାୟ ୪ ଟା ସମୟରେ ରେଳ ୱାଗନ ଭିତରେ ସିମେଣ୍ଟ ଲୋଡିଙ୍ଗ କରୁଥିବା ବେଳେ ଲୋଡ଼ର ମେସିନ ତାଙ୍କ ଛାତିରେ ବାଜିବାରୁ ତାଙ୍କ ମୃତ୍ୟୁ ଘଟିଥିବା ଅନୁମାନ କରାଯାଉଛି । ତେବେ କାରଖାନା କର୍ତ୍ତୃପକ୍ଷ ହୃଦଘାତ ରେ ତାଙ୍କ ମୃତ୍ୟୁ ଘଟିଥାଇ ପାରେ ବୋଲି କହିଛନ୍ତି । ଏହି ଲୋଡିଙ୍ଗ ପଏଣ୍ଟ ରେ ୨୩ ଜଣ ଶ୍ରମିକ କାମ କରିବା କଥା ହେଲେ କାରଖାନା କର୍ତ୍ତୃପକ୍ଷ ସୁରକ୍ଷା ମାନଦଣ୍ଡ କୁ ଅଣଦେଖା କରି ମାତ୍ର ୧୧ ଜଣ ଶ୍ରମିକ ରେ ଏହି କାମ କରାଉ ଥିବାରୁ ଦୁର୍ଘଟଣା ଘଟିଥିବା ଶ୍ରମିକ ୟୁନିଅନ ପକ୍ଷରୁ ଅଭିଯୋଗ ହୋଇଛି ।ୱାଗନ ଲୋଡ଼ିଙ୍ଗ ପଏଣ୍ଟ ରେ ଏତେ ସଂଖ୍ୟକ କର୍ମଚାରୀ ନିଯୁକ୍ତ ଥିବା ସତ୍ତ୍ୱେ ଶ୍ରମିକ ଜଣକ କେତେ ବେଳୁ ଘଟଣା ସ୍ଥଳରେ ପଡ଼ି ରହିଥିଲେ ଓ ତାଙ୍କ ସହିତ କଣ ଘଟିଥିଲା ସେ ବିଷୟ ରେ ଜାଣି ନ ପାରିବା ସନ୍ଦେହ ସୃଷ୍ଟି କରୁଛି ।

## ଝାରସୁଗୁଡ଼ାରେ କୋଲ ଇଣ୍ଡିଆର ୧୪ କୋଇଲା ଖଣି

ଭୁବନେଶ୍ୱର: ଝାରସୁଗୁଡା ଜିଲ୍ଲାରେ କୋଲ ଇଣ୍ଡିଆ କର୍ତ୍ତୃପକ୍ଷ ନିଜ ଅଧିନରେ ରଖିଥିବା ୧୪ଟି କୋଇଲାରୁ ୮ଟି କୋଇଲା ଖଣିରେ ଖନନ ଚାଲିଛି ବୋଲି ରାଜ୍ୟ ଇସ୍ପାତ ଓ ଖଣି ମନ୍ତ୍ରୀ ବିଭୂତି ଭୂଷଣ ଜେନା କହିଛନ୍ତି । ଝାରସୁଗୁଡା ଜିଲ୍ଲାରେ କୋଇଲା ଖଣି ସଂକ୍ରାନ୍ତରେ ବିଜେପି ବିଧାୟକ ଟଙ୍କଧର ତ୍ରିପାଠୀ ପଚାରିଥିବା ଏକ ପ୍ରଶ୍ନର ଉତ୍ତରରେ ମନ୍ତ୍ରୀ ଶ୍ରୀ ଜେନା କହିଛନ୍ତି ଯେ, କୋଲ ଇଣ୍ଡିଆ କର୍ତ୍ତୃପକ୍ଷ ଜିଲ୍ଲାରେ ୧୪ଟି କୋଇଲା ଖଣିକୁ ନିଜ ଅଧୀନରେ ରଖିଥିବାବେଳେ ଏଥିରୁ ୮ଟି ଖଣିରେ ଖନନ କାର୍ଯ୍ୟ ଚାଲିଛି । ବୈଧାନିକ ଅନୁମତି ପତ୍ର ଅଭାବ ଯୋଗୁଁ ଅନ୍ୟ ୬ଟି ଖଣିରେ ଖନନ କାର୍ଯ୍ୟ ବନ୍ଦ ରହିଛି । ବର୍ତ୍ତମାନ ସୁଦ୍ଧା କୌଣସି ଖଣିରେ ଖନନ କାର୍ଯ୍ୟ ସରିନାହିଁ । ଏମସିଏଲ୍ ସୂଚନା ଅନୁଯାୟୀ ଖନନ ପରେ କେଉଁ କେଉଁ କୋଇଲା ଖଣିଗୁଡ଼ିକୁ ତାପଜ ବିଦ୍ୟୁତ୍ କେନ୍ଦ୍ରର ପାଉଁଶରେ ପୋତାଯାଇ ପାରିବ ତାହାର ଚିହ୍ନଟ କାର୍ଯ୍ୟ କୋଲ ଇଣ୍ଡିଆ କର୍ତ୍ତୃପକ୍ଷ ସିଏମପିଡିଆଇଏଲ୍ ଉପରେ ନ୍ୟସ୍ତ କରିଛନ୍ତି । ଖୋଲା ଖଣି ଗୁଡିକରୁ ଖନନ କାର୍ଯ୍ୟ ଶେଷ ହେଲାପରେ ଏଫ୍ଏମସିପି ଓ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ଅନୁବନ୍ଧିତ ନିୟମ ଅନୁଯାୟୀ ସେଗୁଡ଼ିକୁ ପୋତାଯିବା ପାଇଁ ପଦକ୍ଷେପ ନିଆଯିବ ବୋଲି ମନ୍ତ୍ରୀ ଦର୍ଶାଇଛନ୍ତି ।

## ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀଙ୍କ ହତ୍ୟା ଏବେ ବି ରହସ୍ୟ ଘେରରେ

ଭୁବନେଶ୍ୱର: ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀଙ୍କୁ ହତ୍ୟା କରାଯିବାର ୧୬ ବର୍ଷ ଅତିକ୍ରମ କରିଥିଲେ ମଧ ଏହାର ରହସ୍ୟ ଏ ପର୍ଯ୍ୟନ୍ତ ଉନ୍ମୋଚିତ ହୋଇ ପାରି ନାହିଁ । ୨୦୦୮ ମସିହା ଅଗଷ୍ଟ ୨୩ ତାରିଖ ଜନ୍ମାଷ୍ଟମୀ ତିଥିରେ କନ୍ଧମାଳର ଜଲେଶପେଟା ଆଶ୍ରମରେ ସ୍ୱାମୀ ଲକ୍ଷ୍ମଣାନନ୍ଦ ଜଣେ ସାଧ୍ୱୀଙ୍କ ସହିତ ୫ଜଣ ହତ୍ୟାର ଶିକାର ହୋଇଥିଲେ । ପରବର୍ତ୍ତୀ ସମୟରେ ଘଟଣା ମାଓବାଦୀଙ୍କ ଦ୍ୱାରା ଘଟାଯାଇଛି ବୋଲି ପୋଲିସ ଓ ସରକାର ଦର୍ଶାଇଥିଲେ । କିନ୍ତୁ ହତ୍ୟାର ରହସ୍ୟ ଉନ୍ମୋଚନ ହେଲା ନାହିଁ ।

କେଉଁ ପରିସ୍ଥିତିରେ, କିଏ- କାହିଁକି ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀଙ୍କୁ ଅତି ନିର୍ମମ ଭାବରେ ହତ୍ୟା କଲା ତା'ର ରହସ୍ୟ ଉନ୍ମୋଚନ କରିବାକୁ ସରକାର ୩ଟି ତଦନ୍ତ କମିଶନ ବସାଇଥିଲେ । କୌଣସି ଗୋଟିଏ ହେଲେ କମିଶନର ରିପୋର୍ଟ ସାର୍ବଜନୀନ ହେଲା ନାହିଁ । ମାଓବାଦୀଙ୍କୁ ଦୋଷାରୋପ ବ୍ୟତୀତ ଅନ୍ୟ କାହାରିକୁ ସେହି ପରିଧି ଭିତରକୁ ଅଣାଗଲା ନାହିଁ । କାହିଁକି ଏହା କରାଗଲା ତାହା ଏବେ ବି ସନ୍ଦେହଜନକ ।

ବିଜେପି ଚଳିତ ଥରର ନିର୍ବାଚନ ଲଢ଼ିଲା ବେଳେ ଗତ ମେ' ୧୩ ତାରିଖରେ ୫ଜଣ ବରିଷ୍ଠ ନେତାଙ୍କର ଏକ ମିଳିତ ସାମ୍ବାଦିକ ସମ୍ମିଳନୀ କରି ଦଳର ପ୍ରସଙ୍ଗ ଓ ଆଭିମୁଖ୍ୟ ଘୋଷଣା କରିଥିଲା । ସେହି ସାମ୍ବାଦିକ ସମ୍ମିଳନୀରେ ପ୍ରଥମେ ବାଲେଶ୍ୱର ସାଂସଦ ତଥା ବରିଷ୍ଠ ନେତା ପ୍ରତାପ ଷଡଙ୍ଗୀ ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀଙ୍କ ହତ୍ୟା ପ୍ରସଙ୍ଗ ଉଠାଇଥିଲେ ଏବଂ ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଦାୟୀ କରି ଜବାବ ମାଗିଥିଲେ ।

ଲକ୍ଷ୍ମଣାନନ୍ଦ ସରସ୍ୱତୀଙ୍କ ହତ୍ୟା ପଛରେ କେଉଁମାନେ ଅଛନ୍ତି, କାହିଁକି ତଦନ୍ତ କମିଶନଙ୍କ ରିପୋର୍ଟ ସାର୍ବଜନୀନ କରାଯାଉ ନାହିଁ ଓ କ'ଣ ପାଇଁ ଏହା ପଛରେ ଥିବା ଷଡଯନ୍ତ୍ରକାରୀମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେଉନାହିଁ ତାହା ସାଢ଼େ ୪ କୋଟି ଓଡ଼ିଶାବାସୀଙ୍କର ପ୍ରଶ୍ନ ବୋଲି ' ଶ୍ରୀ ଷଡଙ୍ଗୀ କହିଥିଲେ । ନବୀନ ପଟ୍ଟନାୟକଙ୍କୁ ଏହାର ଜବାବ ଦେବାକୁ ପଡିବ ବୋଲି ମଧ ସେ ଦାବି ଉଠାଇଥିଲେ । ନିର୍ବାଚନରେ ଏହାର ଫାଇଦା ବିଜେପି ପାଇଲା ।

ବିଜେପି ସରକାର ଓଡ଼ିଶାରେ ଗଠନ ହେବାର ଦୁଇ ମାସ ୧୨ ଦିନ ବିତିଲାଣି । ନୂଆ ସରକାର ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀଙ୍କ ନାଁ ଏପର୍ଯ୍ୟନ୍ତ ଧରିନାହିଁ । ତଦନ୍ତ ରିପୋର୍ଟ ସାର୍ବଜନୀନ ହେବ କି ନାହିଁ କହିନାହିଁ । ହତ୍ୟା ପଛରେ କେଉଁମାନେ ଥିଲେ ସେମାନଙ୍କୁ ଧରାଯିବ କି ନାହିଁ ତାହା ମଧ ପ୍ରକାଶ କରିନାହିଁ ।

**ଗ୍ରାହକମାନଙ୍କ ପାଇଁ ବିଶେଷ ସୂଚନା**

ସାପ୍ତାହିକ 'ସ୍ୱୀକାର' ନେବା ପାଇଁ ଆଗ୍ରହୀ ଗ୍ରାହକମାନେ ତାଙ୍କର ଦେୟ କାନାରା ବ୍ୟାଙ୍କ ସମ୍ବଲପୁର ଶାଖାର ଏକାଉଣ୍ଟ ନମ୍ବର ୦୧୮୫୨୦୧୦୨୧୫୩୮, ଆଇଏଫସି କୋଡ- ସିଏନଆରବି ୦୦୦୦୧୮୫ ରେ ଏନଇଏଫଟି, ଆରଟିଜିଏସ୍ ମାଧ୍ୟମରେ ଜମା କରି ପାରିବେ ।

**Subscription Rate of The Sweekar**

| | | |
|---|---|---|
| Life Member | - | Rs.5000.00 |
| Annual | - | Rs. 500.00 |
| Half-yearly | - | Rs. 250.00 |
| Quarterly | - | Rs. 120.00 |

**Advertisement Tariff of The Sweekar**

| | | |
|---|---|---|
| Full Page | - | Rs. 2,00,000.00 |
| Half Page | - | Rs. 1,00,000.00 |
| Quarter Page | - | Rs. 50,000.00 |

Colour Advertisement - 100% Extra

# ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟରେ ମେହେର ଜୟନ୍ତୀ ପାଳିତ


ସମ୍ବଲପୁର : ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟରେ ଗଙ୍ଗାଧାର ମେହେର ଜୟନ୍ତୀ ପାଳିନ ହୋଇଯାଇଛି । ବିଶ୍ୱ-ବିଦ୍ୟାଳୟ କୁଳପତି ପ୍ରଫେସର ଏନ୍. ନାଗାରାଜୁଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ ବାମନାଳ ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟତ୍ରୀ ଶ୍ରୀମତୀ ବିଜୟିନୀ ଶତପଥୀ ଯୋଗ ଦେଇ ଗଙ୍ଗାଧାରଙ୍କ ସାହିତ୍ୟ କୃତୀ ଉପରେ ଆଲୋଚନା କରିଥିଲେ । ଏହି ଅବସରରେ ଗଙ୍ଗାଧରଙ୍କ କାବ୍ୟ ପ୍ରଣୟ ବଲ୍ଲରୀକୁ ନାଟ୍ୟ ରୂପାନ୍ତର କରିଥିବା ସ୍ୱର୍ଗତ ମୁରାରୀ ପ୍ରସାଦ ମିଶ୍ରଙ୍କ ପୁଅ ପାଣ୍ଡୁଲିପିକୁ ପ୍ରକାଶନ କରିବା ପାଇଁ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷଙ୍କୁ ପ୍ରଦାନ କରିଥିଲେ । ଏହାଛଡ଼ା ଡକ୍ଟର ନବୀନ କୁମାର ଜାଲଙ୍କ ରଚିତ 'ପ୍ରାବନ୍ଧିକ ମନୋଜ ଦାସ ସୃଷ୍ଟି ଓ ଦୃଷ୍ଟି' ପୁସ୍ତକ ଅତିଥିମାନଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା । ସଂଯୋଜନା କରିଥିଲେ । ଶେଷରେ କୁଳସଚିବ ସନତ କୁମାର ନାୟକ ହୋଇଥିଲା । ପୂର୍ବରୁ ସକାଳେ ବିଶ୍ୱ-ବିଦ୍ୟାଳୟ ପରିସରରେ ଥିବା ଗଙ୍ଗାଧର




ପ୍ରାରମ୍ଭରେ ଉପ କୁଳସଚିବ ଡକ୍ଟର ଉମାଚରଣ ପତି ସ୍ୱାଗତଭାଷଣ ଦେଇଥିବା ବେଳେ ଓଡ଼ିଆ ବିଭାଗର ମୁଖ୍ୟା ଡକ୍ଟର ଲକ୍ଷ୍ମୀପ୍ରିୟା ବେହେରା କାର୍ଯ୍ୟକ୍ରମର ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଅବସରରେ ସମ୍ବଲପୁରୀ କଳା ପରିଷଦ ଓ ବିଶ୍ୱବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ ପକ୍ଷରୁ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ମେହେରଙ୍କ ପ୍ରତିମୂର୍ତ୍ତିରେ ବିଶ୍ୱବିଦ୍ୟାଳୟର କର୍ମଚାରୀ ଛାତ୍ରଛାତ୍ରୀ ଏବଂ ସହରର ବିଭିନ୍ନ ଅନୁଷ୍ଠାନର ପ୍ରତିନିଧିମାନେ ମାଲ୍ୟାର୍ପଣ କରି କବିଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ ।

# ଶଶିଭୂଷଣ ତ୍ରିପାଠୀଙ୍କ ପରଲୋକ

ସମ୍ବଲପୁର : ସମ୍ବଲପୁରରେ ବିଜେପିର ପ୍ରତିଷ୍ଠାତା ସଦସ୍ୟ, ପୁରୁଖା ଜନସଂଘ କର୍ମୀ, ଚାଷୀ ନେତା ତଥା ସମାଜସେବୀ ଶଶିଭୂଷଣ ତ୍ରିପାଠୀ (୯୨)ଙ୍କ ହୃଦ୍‌ଘାତରେ ପରଲୋକ ହୋଇଛି । ସେ ଶେଷ ପର୍ଯ୍ୟନ୍ତ ଚଳଚଞ୍ଚଳ ଥିଲେ । ସେ ତାଙ୍କ ପଛରେ ୪ ଝିଅ ମିନାକ୍ଷୀ, ଜୟଶ୍ରୀ, ମମତା, ନିବେଦିତା ଏବଂ ଏକମାତ୍ର ପୁଅ



ସଂଜୀବ ତ୍ରିପାଠୀଙ୍କ ସମେତ ଅନ୍ୟ ପରିବାରବର୍ଗଙ୍କୁ ଛାଡ଼ି ଯାଇଛନ୍ତି । ରାଜଘାଟରେ ପୁଅ ସଂଜୀବ ମୁଖାଗ୍ନି ଦେଇଥିଲେ । ହୀରାକୁଦ ଜଳଭଣ୍ଡାରର ବୁଡ଼ି ଅଞ୍ଚଳ ପେଟୁପାଲିର ମୂଳ ଅଧିବାସୀ ଶ୍ରୀ ତ୍ରିପାଠୀଙ୍କ ପରିବାର ଜଳଭଣ୍ଡାର ନିର୍ମାଣ ପରେ ସମ୍ବଲପୁର ଚାଲି ଆସି ଏଠାରେ ଅବସ୍ଥାନ କରିଥିଲେ । ଜୀବନର ପ୍ରାଥମିକ ସମୟରୁ ହିଁ ଜନସଂଘରେ ସାମିଲ ହୋଇଥିଲେ । ଏହା ସହିତ ଚାଷୀ ସମସ୍ୟା ନେଇ ସଦା ମୁଖର ଥିଲେ । ସମ୍ବଲପୁରରେ ଚାଷୀ ସଙ୍ଗଠନ ଗଠନର ଅନେକ ବର୍ଷ ପୂର୍ବରୁ ଶଶିଭୂଷଣ ଏକୁଟିଆ ବିଭିନ୍ନ ଅଞ୍ଚଳର ଚାଷୀଙ୍କୁ ନେଇ ପ୍ରଶାସନ ଏବଂ ଗଣମାଧ୍ୟମ ଜରିଆରେ ଦୃଷ୍ଟି ଆକର୍ଷଣ କରୁଥିଲେ । ଶୀତଳ ଷଷ୍ଠୀରେ ମୁଦିପଡ଼ାର ସପ୍ତଋଷୀଙ୍କ ମଧ୍ୟରୁ ଅନ୍ୟତମ ଥିଲେ । ବ୍ରାହ୍ମଣ ସମାଜ, ପବ୍ଲିକ ଲାଇବ୍ରେରି, ଓଡ଼ିଶା ସାଂସ୍କୃତିକ ସମାଜ ସମେତ ବିଭିନ୍ନ ସଙ୍ଗଠନ ସହିତ ସଂପୃକ୍ତ ରହିଥିଲେ ।

ଶ୍ରୀ ତ୍ରିପାଠୀଙ୍କ ବିୟୋଗରେ କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଶୋକ ବ୍ୟକ୍ତ କରିଛନ୍ତି । ମନ୍ତ୍ରୀ କହିଛନ୍ତି ଯେ, ସ୍ୱର୍ଗତ ତ୍ରିପାଠୀ ତାଙ୍କ ଦଳର ଜଣେ ପୁରୁଣା ଏବଂ ଅନୁଭବୀ ନେତା ଥିଲେ । ମିଷ୍ଟଭାଷୀ ଏବଂ ମେଳାପୀ ସ୍ୱଭାବର ଥିଲେ । ଚାଷୀଙ୍କ ସ୍ୱାର୍ଥ ଏବଂ କଲ୍ୟାଣ ପାଇଁ ସର୍ବଦା ସ୍ୱର ଉତ୍ତୋଳନ କରୁଥିଲେ । ତାଙ୍କ ବିୟୋଗରେ ଦଳ ଜଣେ ଚାଷୀ ନେତାଙ୍କୁ ହରାଇଲା । ବିଧାୟକ ଜୟନାରାୟଣ ମିଶ୍ର ଶୋକବାର୍ତ୍ତାରେ କହିଛନ୍ତି, ସ୍ୱର୍ଗତ ଶଶିଭୂଷଣ ବିଜେପିର ଜଣେ ଅନନ୍ୟ ନେତା ଥିଲେ । ଦଳ ପାଇଁ କରିଯାଇଥିବା ଅନେକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ଏବଂ ସମାଜସେବା ପାଇଁ ସେ ଚିରସ୍ମରଣୀୟ ରହିବେ । ତାଙ୍କ ଆତ୍ମାର ସଦ୍‌ଗତି କାମନା ସହିତ ଶୋକସନ୍ତପ୍ତ ପରିବାରବର୍ଗ ପ୍ରତି ଶ୍ରଦ୍ଧାଜଂଳି ଅର୍ପଣ କରୁଛି ବୋଲି ସେ ଶୋକବାର୍ତ୍ତାରେ କହିଛନ୍ତି ।

# ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟରେ ଆଲୋଚନାଚକ୍ର

ସମ୍ବଲପୁର : ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ପକ୍ଷରୁ 'କବିସମ୍ରାଟ ଉପେନ୍ଦ୍ର ଭଞ୍ଜ ଓ ସ୍ୱଭାବକବି ଗଙ୍ଗାଧର ମେହେରଙ୍କ ସାହିତ୍ୟର ତୁଳନାତ୍ମକ ଆଲୋଚନା' ଆୟୋଜିତ ହୋଇଯାଇଛି ।

ଆଲୋଚକ ଭାବରେ ବିଶିଷ୍ଟ ସଂସ୍କୃତିଗବେଷକ ଡାକ୍ତର କୃଷ୍ଣକେଶବ ଷଡଙ୍ଗୀ ଉଭୟ କବିଙ୍କ ବ୍ୟକ୍ତିତ୍ୱ କିପରି ଖଦ୍ୟୋତର ବିନମ୍ରତା ଓ ଆତ୍ମବିଶ୍ୱାସକୁ ଭିତ୍ତିକରି ଉଦ୍ଭାସିତ ହୋଇଛି ତାହା ବର୍ଣ୍ଣନା କରିବା ସହିତ ରାମାୟଣର କଥାବସ୍ତୁର ପରିପ୍ରକାଶରେ ଶିବ ଧନୁ ଭଙ୍ଗ ଠାରୁ ରାମବିବାହ ଓ ବନବାସ ଇତ୍ୟାଦିରେ ଉଭୟ କବିଙ୍କ ରଚନାଚାତୁରୀକୁ ଉଦାହରଣ ମାଧ୍ୟମରେ ବୁଝାଇଥିଲେ । ପ୍ରୀତି ଓ ପ୍ରକୃତି ବର୍ଣ୍ଣନାରେ ଉଭୟ କବିଙ୍କ ପାରସ୍ପରିକ ସମନ୍ୱୟର ଚର୍ଚ୍ଚାକରି ଡାକ୍ତର ଷଡଙ୍ଗୀ ଏହି ବିଷୟରେ



ଗବେଷଣା କରିବାକୁ ଛାତ୍ରଛାତ୍ରୀମାନଙ୍କୁ ପରାମର୍ଶ ଦେଇଥିଲେ । କୁଳପତି ପ୍ରଫେସର ଏନ୍. ନାଗରାଜୁଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମର ପ୍ରାରମ୍ଭରେ ବିଶ୍ୱବିଦ୍ୟାଳୟର ଓଡିଆବିଭାଗୀୟ ମୁଖ୍ୟ ଡକ୍ଟର ଲକ୍ଷ୍ମୀପ୍ରିୟା ବେହେରା ସ୍ୱାଗତଭାଷଣ ଦେଇଥିବା ବେଳେ ସଂସ୍କୃତବିଭାଗର ମୁଖ୍ୟ ସୁନେଲି ଦେଇ ଧନ୍ୟବାଦ ଅର୍ପଣ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ପ୍ରଫେସର କାଳିଦାସ ମିଶ୍ର, ପ୍ରଫେସର କାମଦେବ ସାହୁ, ବିଶ୍ୱବିଦ୍ୟାଳୟର ଉପକୁଳସଚବି ଉମାଚରଣ ପତି, ଭୀମଭୋଇ ଚେୟାର ଅଧକ୍ଷ ଡକ୍ଟର ପ୍ରଦୀପ କୁମାର ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ ।

# ମଙ୍ଗଳପୁର ଗ୍ରାମରେ ମା ପାଇଁ ଗଛଟିଏ କାର୍ଯ୍ୟକ୍ରମ






ସମ୍ବଲପୁର : ସମ୍ବଲପୁର ବନଖଣ୍ଡ ଅଧିନ ରେଙ୍ଗାଲି ବନାଞ୍ଚଳ ଅନ୍ତର୍ଗତ ମଙ୍ଗଳପୁର ଗ୍ରାମରେ ମା ପାଇଁ ଗଛଟିଏ କାର୍ଯ୍ୟକ୍ରମ ବନାଞ୍ଚଳ ଅଧିକାରୀ ସୁଜାତା ପଟେଲଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ପ୍ରକୃତିପ୍ରେମୀ କଳାରତ୍ନ ଡକ୍ଟର ବଂଶୀଧର କର ମୁଖ୍ୟ ଅତିଥି ଓ ପ୍ରକୃତି ବନ୍ଧୁ ଦେବାଶିଷ ସାହୁ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । କ୍ଷେତ୍ର ସଂଯୋଜିକା ସବିତା ପଟେଲଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବନପାଳ ସୁନିତା ଗର୍ଡ଼ିଆ, ସୁନିଲ କୁମାର ମହାପାତ୍ର, ସୁକାନ୍ତ ମହାପାତ୍ର, ବିକାଶ ପଟେଲ, ପ୍ରିତିମୟୀ ବେହେରା, ଧନଞ୍ଜୟ ଭଇଁସାଲ, ଶିବଶଙ୍କର ବିଭାର ପ୍ରମୁଖ ଯୋଗ ଦେଇଥିଲେ । ଏହି ଅବସରରେ ଏକ ପଥପ୍ରାନ୍ତ ସଚେତନତା ପଦଯାତ୍ରା ବାହାରିଥିଲା । ଅତିଥିମାନେ ଗ୍ରାମ୍ୟ ଜଙ୍ଗଲ ଓ ମନ୍ଦିର ପାର୍ଶ୍ୱ ଉଦ୍ୟାନରେ ବିଭିନ୍ନ ରକମର ଫଳ, ଫୁଲ ଚାରା ରୋପଣ କରିଥିଲେ ।

# ବରଗଡ଼ରେ ରାଜ୍ୟସ୍ତରୀୟ ଗଙ୍ଗାଧର କାବ୍ୟାଞ୍ଜଳି



ବରଗଡ଼ : ଅଗ୍ରଗାମୀ ଯୁବକ ସଂଘ ପକ୍ଷରୁ ରାଜ୍ୟସ୍ତରୀୟ ଗଙ୍ଗାଧର କାବ୍ୟାଞ୍ଜଳି ୨୦୨୪ ଅନୁଷ୍ଠିତ ହୋଇଯାଇଛି । ଯୁବକ ସଂଘର ସଭାପତି ଦେବେଶ ଆଚାର୍ଯ୍ୟଙ୍କ ଅଧକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ରାଜ୍ୟର ବିଭିନ୍ନ ସ୍ଥାନରୁ ଆସିଥିବା କଳାକାରମାନେ ଗଙ୍ଗାଧର ସଂଗୀତ ପରିବେଷଣ କରିଥିଲେ । ଏହି ଅବସରରେ କଳାକାର ଓ କଣ୍ଠଶିଳ୍ପୀମାନଙ୍କୁ ସମ୍ବର୍ଦ୍ଧନା ଏବଂ ଗଙ୍ଗାଧର ସୃଜନ ସମ୍ମାନ ଦିଆଯାଇଥିଲା । ଅଧାପକ ଡକ୍ଟର ଉମେଶ ମହାପାତ୍ର ଓ ଅଧାପିକା ଡକ୍ଟର ସଂଘମିତ୍ରା ମିଶ୍ରଙ୍କ ସଂଯୋଜନାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବରଗଡ଼ର ପ୍ରଜ୍ଞାପାରମିତା ଦାଶ, ସୁଶୀଲ ପ୍ରଧାନ, ଶ୍ରୀମତୀ ସୁନୀତା ଚକ୍ରବର୍ତ୍ତୀ, ଗୋପାଳକୃଷ୍ଣ ଦାଶ, ଶକ୍ତି ସ୍ୱରୂପା ପଣ୍ଡା, ଡାକ୍ତର ବିକ୍ରମକେଶରୀ ମହାନ୍ତି, ନବକିଶୋର ମହନ୍ତମ, ସୁଶ୍ରୀ ଅର୍ପିତା ଦାଶ, ଅଙ୍କିତ ରାୟ ଦାଶ, ସୁରଜ ମହାପାତ୍ର, ଶୁଭମ ମହାପାତ୍ର, କଟକର ରତ୍ନାକର ରାଉତ, ଅତାବିରାର ସୁଶ୍ରୀ ଆଲିଶା ମିଶ୍ର, କଳାହାଣ୍ଡିର ସର୍ବେଶ୍ୱର ଭୋଇ, ସୁନ୍ଦରଗଡ଼ର ଦୁର୍ଗାମାଧବ ପଣ୍ଡା ଓ ଭଟଲିର ଶରତ ଚନ୍ଦ୍ର ପାଢ଼ୀ ପ୍ରମୁଖ ସଂଗୀତ ପରିବେଷଣ କରିଥିଲେ ।

# 'ପରିବେଶ ଓ ଜଳବାୟୁ ପରିବର୍ତ୍ତନର ଝାରସୁଗୁଡ଼ା ଉପରେ ପ୍ରଭାବ' ଆଲୋଚନାଚକ୍ର

ଝାରସୁଗୁଡ଼ା : ଶିଳ୍ପାୟନ ଯୋଗୁଁ ଝାରସୁଗୁଡ଼ା ଜିଲ୍ଲାରେ ବ୍ୟାପକ ପରିବେଶ ପ୍ରଦୂଷଣ ହେଉଥିବାରୁ ବୁଦ୍ଧିଜୀବୀମାନେ ଉଦ୍‌ବେଗ ପ୍ରକାଶ କରି ଏହା ଯେପରି ରୋକାଯାଇ ପାରିବ ସେ ଦିଗରେ ସରକାର ଦୃଷ୍ଟି ଦେବାକୁ ଦାବି କରିଛନ୍ତି । ଓ୍ୱାର୍ଲଡ ହ୍ୟୁମାନ ରାଇଟ୍ସ ପ୍ରୋଟେକ୍ସନ ଅର୍ଗାନାଇଜେସନ (ଇଣ୍ଡିଆ)ର ଝାରସୁଗୁଡ଼ା ଶାଖା ପକ୍ଷରୁ ଏଠାରେ ଆୟୋଜିତ 'ପରିବେଶ ଓ ଜଳବାୟୁ ପରିବର୍ତ୍ତନରେ ଝାରସୁଗୁଡ଼ା ଉପରେ ପ୍ରଭାବ' ଶୀର୍ଷକ ଆଲୋଚନାଚକ୍ରରେ ଝାରସୁଗୁଡ଼ାର ବହୁ ବୁଦ୍ଧିଜୀବୀ ଏବଂ ବିଶିଷ୍ଟ ବ୍ୟକ୍ତି ଯୋଗଦେଇ ଏହା କହିଛନ୍ତି । ଅନୁଷ୍ଠାନର ଅଧକ୍ଷ ଅଭିଷେକ ଲାଠ୍‌ଙ୍କ ଅଧକ୍ଷତାରେ ଆୟୋଜିତ ଏହି ଆଲୋଚନାଚକ୍ରରେ ଝାରସୁଗୁଡ଼ା ଜିଲ୍ଲା ଇକୋ କ୍ଲବର ସଂଯୋଜକ ପ୍ରହଲ୍ଲାଦ ନାଏକ, ଡାକ୍ତର ପ୍ରଭାତ ଜୈନ, ଡାକ୍ତର ଏମ୍.ଜେ. ଦୋରା, ସମ୍ବଲପୁରର ବରିଷ୍ଠ ସାମ୍ବାଦିକ ହେମନ୍ତ କୁମାର ମହାପାତ୍ର, ବ୍ରଜରାଜନଗର କଲେଜର ଅବସରପ୍ରାପ୍ତ ଅଧକ୍ଷ ପ୍ରତାପ ବେହେରା, ଲକ୍ଷ୍ମୀନାରାୟଣ କଲେଜର ଅବସରପ୍ରାପ୍ତ ଅଧକ୍ଷ ରବିନ୍ଦ୍ର କୁମାର ଦେବତା, ଆଞ୍ଚଳିକ ପରିବେଶ ସଂଗଠନର ଅଧକ୍ଷ ସତ୍ୟନାରାୟଣ ରାଓ ପ୍ରମୁଖ ଅଂଶ ଗ୍ରହଣ କରି ପରିବେଶର ସୁରକ୍ଷା ଲାଗି ବ୍ୟାପକ ବୃକ୍ଷରୋପଣ ଉପରେ ଗୁରୁତ୍ୱାରୋପ କରିବା ସହ ଶିଳ୍ପ ପ୍ରଦୂଷଣ ଉପରେ ଅଙ୍କୁଶ ଲଗାଇବା ଜରୁରୀ ବୋଲି ମତ ବ୍ୟକ୍ତ କରିଥିଲେ ।



Printed, Published and Owned by Hemanta Kumar Mahapatra, Printed at Impressions Press, Sambalpur, Office Phone: 9437348018
e-mail: hemantamahapatra@yahoo.com Editor : Hemanta Kumar Mahapatra